# ଉଡ଼ାନ୍

ରୋହିତ କୁମାର ଦାଶ



# ଉଡ଼ାନ୍

ରୋହିତ କୁମାର ଦାଶ

ସୃଷ୍ଟି ପ୍ରକାଶନୀ, ବରଗଡ଼

# ଉଡ଼ାନ୍

(କବିତା ଗୁଚ୍ଛା)

**ରୋହିତ କୁମାର ଦାଶ**
ବରଗଡ଼ (ଓଡ଼ିଶା)
ମୋ- ୭୯୭୮୦୨୯୩୯୯

**ପ୍ରକାଶକ :** ରୋହିତ କୁମାର ଦାଶ
ମାର୍ଫତ୍ / ସୃଷ୍ଟି ପ୍ରକାଶନୀ, ବରଗଡ଼-୭୬୮୦୨୮
ମୋ. ୯୪୩୭୮୮୧୪୨୮

**ପ୍ରଥମ ସଂସ୍କରଣ:**
**ମାର୍ଚ୍ଚ ୨୦୨୬**

ପ୍ରଚ୍ଛଦପଟ :
**ରୋହିତ କୁମାର ଦାଶ**

ମୁଦ୍ରଣ :
**ଗୁରୁ ପବ୍ଲିକେଶନ, ବରଗଡ଼**

## UDAAN

**Rohit Kumar Dash**
Bargarh (Odisha)
Mob. 7978029399

**Publisher :** Rohit Ku. Dash
C/o-Srusti Publication, Bargarh
Mob. 9437881428

**First Edition :**
March 2026

Cover design :
Rohit Kumar Dash

Printed at :
Guru Publication,Bargarh

**Price : Rs. 150/-**

**ISBN - 978-93-5779-115-1**

# ତାଁକର୍ ସୁର୍ତା ଥି

ସରଗ୍‌ବାସୀ କବି ଆର ମୋର୍ ଆଦରର୍ ଦାଦା ରାଧାମୋହନ ତ୍ରିପାଠୀଙ୍କର ସୁରତା ନ ଇ ବହିକେ ସଅଁପିଦେଲି, ଯେ ସଦାବେଲେ ମୋର ଲେଖାର ଝନେ ବଡ଼ ପାଠକ୍ ଆର୍ ପ୍ରଶଂସକ୍ ଥିଲେ । ମୋର ନୁ ବୟସ୍ ନ ବଡ଼୍ ହେଇଥିଲେ ବି ସାହିତ୍ୟର ଲାଗି ଆମେ ଦୁହେ ସାଂଗ ଲେଖେ ଥିଲୁ ଛୁଆଦିନୁ ।

**ରୋହିତ ଦାଶ**

# କବିତା ସବୁଦିନ ମୋର୍ କୋଡ୍‌ଛୁଆ

କବିତା ମୋର ଛିର୍‌ମାନ୍‌କେ ରକତ୍ ହେଇ ବୁହୁଥିସି । ନିଶାସ୍ ହେଇ ମୋର ଦିହେ ବୁହୁଥିସି । କବିତା ମୋର ଛାତି ନ ଧକ୍ ଧକ୍ ଧଡକ୍‌ନ ହେଇ ଧଡ୍‌କୁଥିସି । ସେ ଆଡକେ କେଭେ ମୋର ଧିଆନ୍ ନାଇଁଥାଏ । ମୁଇଁ ମୋର ବାଟେ ଜିଉଁଥିସିଁ । ଇଆଡ ସେଆଡ କିଁଦୁରୁଥିସିଁ । ଜୀବନ ଜନ୍‌ଜାଲେ ଘାଁଟିସାନି ହେଉଥିସିଁ ।  ମୁଇଁ ତାକେ ନାଇଁ ନୁରେଁ । ହେଲେ ସେ ମୋତେ ନୁରି ନୁରି ବରକସା ମୋର ପାଶ୍‌କେ ଆଏସି । ମୋତେ ଟିହାସି,ଉସ୍‌କାସି,ଠାନ୍ ଜାନି ମାଡି ବସସି । ମୋତେ କାଲସି ଲାଗସି । ମୁଇଁ ଆର ମୋର ଆୟତେ ନାଇଁ ରହେ । ତାକେ ଏଥର ମୁଇଁ ମୋର ପାଖ୍‌କେ ଡାକସିଁ । ମୁଡେ ସୁଆଁଲସିଁ । ଭୁରତା ସୁରତା କରସିଁ । ମନାସିଁ ବୁଝାସିଁ ଆର ନିଜର କରିଦେସିଁ । ସେ ଇହାଦେ ମୋର ବୋଲକରା ଚରେଟେ ମେତାଲ ମୋର ଇସାରା ନ ନାଚ୍‌ସି,ଡେଗ୍‌ସି,ଖେଲସି,କୁଦ୍‌ସି ଆର ଫେର ସୁନାପିଲାଟେ ଲେଖେ ଗୁଡାକେ ଢୁକି ଯାଏସି ।

କେତେବେଲେ ବାଦଲ୍‌ନୁ ବୁଁଦା ବୁଁନ୍ଦା ବରଷା ଥିପଲା ଲେଖେ କବିତା ଥିପ୍‌ସି ତ କେତେବେଲେ ଧୁଁକା ଗରେଲ ଲେଖେ ମାଡିଆଏସି । କେତେବେଲେ ଝରନାର ପାଏନ୍ ଲେଖେ ପଖନ୍ ଫଟେଇ କରି ଝରି ଆଏସି ତ କେତେବେଲେ କଢୋନୁ

ଫୁଲଟେ ଲେଖେ ଫୁଟି ଯାଏସି । ହେନ୍‌ତା ଗୁଟେ ସମିଆକେ ମୁଇଁ ଟାକିଥିସିଁ । ହେଲେ ମୁଇଁ ସେତେବେଲେ କେନ ମୋର ଆୟତେ ଥିସିଁ ।

ବନିହାନ୍‌ଟେ କବିତା ଶୁଇନ୍‌ଥି ମିଲେଇ ଯାଇଛନ । ଆସବାର ଆଗରୁ ବାଟ ଭୁଲି ଯାଇଛନ୍ । ବନିହାନ୍ କବିତାର ଡାକ୍ ଗଲା ମୁଇଁ ଶୁନି ନାଇଁପାରି । ସେମାନେ ଟିକ୍‌ଚଁହରା ଦେଇକରି ପଲେଇ ଯାଇଛନ୍ । ମୋର ସଁଗେ କବିତା ସଦାବେଲେ ଏନ୍‌ତା ଲୁକ୍‌ଲୁକାନି ଖେଲୁଥିସି । କେତେବେଲେ ସେ ମୋତେ ଧରି ପକାସି ତ କେତେବେଲେ ମୁଇଁ ତାକେ ଛାପ୍‌କି ପକାସିଁ ଆର ମାଡି ବସସିଁ । ଭାବ୍‌ବେ ବେଲେ ହେଟାମାନେ ମୋର କବିତା ଆଏ । କେତେବେଲେ ମୋବାଇଲ୍ ନ ତ କେତେବେଲେ କେନ୍ ଖବରକାଗଜ୍ ନ ଆସିଥିବାର ଚିରକୁଟ୍‌ଟାକେ ମୁଇଁ ସେମାନକୁ ଧରି ରଖସିଁ । ଉସ୍‌ତାର ଦେଖି ତାଁକର ଯତନ୍ ସଁଖଲ କରସିଁ । ଜୀବନ ବଁଚିଲା ବେଲେ,ବାଟେଘାଟେ ଗଲାଆଏଲା ବେଲେ,ଗାଧୁଆଘରେ ଆର ହେନ୍‌ତା କେତେ ଅସମିୟାଥି ସେମାନେ ମୋର ଚାରହିଆଡେ କିଁଦୁରୁଥିସନ । ମୋର ମୁଡେ ଗୁଁଦଲେଇ ହେଉଥିସନ । ଚାହେଁଲେ ବି ମୁଇଁ ସେମାନକୁ ଧରି ରଖି ନାଇଁପାରେ । କେତେବେଲେ ଦିନ୍‌ବେଲିଆ ମୁଇଁ କାମବୁତା ନ ଧୁଆଁଧୁପା ହେଲାବେଲେ ମୋତେ ବାଟେଘାଟେ କବିତା ଛେଁକିଛେ ତ କେତେବେଲେ ରାଏତଅଧିଆ ମୋତେ ନିଦ୍‌ନୁ ଉଠେଇ ଦେଇଛେ । କେବେବେଲେ ମୁଇଁ ତାର ଲାଗି ରାଏତ୍ ରାଏତ୍ ବି ଉସ୍‌ନିଦ୍ରା ହେଇ ଚେତି ରହିଛେ । କେତେବେଲେ ସେ ମୋତେ ଟାକିଛେ ତ କେବେବେଲେ ମୁଇଁ ତାକେ ଟାକିଛେଁ । କେତେବେଲେ ସେ ମୋତେ ନୁରିଛେ ତ କେତେବେଲେ ମୁଇଁ ତାକେ ନୁରିଛେଁ । ଏନ୍‌ତା ତାର ସଁଗେ ସବୁବେଲେ ମୋର ଲୁକ୍‌ଲୁକାନୀ ଖେଲ ଚାଲିଥିସି । ତାର ସଁଗେ ସବୁବେଲେ ମୋର ଭାବଦୋସ୍‌ତି । ହେନ୍‌ତା ଭାବ୍‌କେ ନେଇ କେତେଟା କବିତା ହେଉଛେ ଉଡାନ୍,ଉଦୁରମାତ୍,ସାରା ଜୀବନ୍ ତୋର ଲାଗି,ଅନ୍‌ମୁନସିଆ,ନୁଆଁ ସକାଲ ଆର ମୁଇଁ କେନ କବିତା ଲେଖସିଁ । ଇ କବିତା ମାନକେ ସେ ପଏଟିକ୍ ମ୍ୟୁଜ ଆର କ୍ରିଏଟିଭ ଅର୍ଜ ର କଥା କୁହା ହେଇଛେ । ସେ ଭାବ୍ କେ ଦେଖେଇ ଦିଆ ହେଇଛେ ।

ଜୀବନର ମାୟା ଜଂଜାଲ୍‌ନ ଘାଁଟିଶାନି ହେଲାବେଲେ ମୁଇଁ କେତେଟେ ଦୁଖ୍ ପାଇଛେଁ । ସେତେବେଲେ ଆହା କରବାରକେ ମୋର ପାଖେ କିହେ ନାଇଁଥାନ୍ । ହେନ୍‌ତା ବେଲେ କବିତା ଆସିକରି ମୋର ଆଏଁଖ୍ ନୁ ଲୁହୁ ପୁଛିଛେ । କବିତା ସବୁବେଲେ ମୋର ସୁଖ୍‌ଦୁଖ୍‌ର ସାଥି । ସେ ସଦାବେଲେ ମୋର ଏକଲାପନ୍‌ର ସାଥି । ଲାଗସି ତାକେ ଛାଡିଦେଲେ ମୋର ଆର ଇ ସଁସାରେ ଯେନ୍‌ତା ହେତକି ନିଜର ବଲି କିହେ ନାଇଁନ । ସେ ଝନେ ନ ଆଏ ଯେ ମୋତେ କେଭେ ଧୋକା ନାଇଁଦେଇ । ବିପଦବେଲେ ଏକଲା ଛାଡିକରି ନାଇଁ ପଲେଇ । ହେତିର ଲାଗି ସେ ମୋର ଜୀବନ ସଁଗେ ଜୁଡି ହେଇକରି ସବୁଦିନ ରହିଯାଇଛେ । ମୁଇଁ ଚାହେଁଲେ ବି ନା ତାକେ ଦୁର କରି ପାରମି ନା ସେ ମୋରନୁ କେଭେ ଦୁର ହେବାରକେ ଚାହେଁବା । କେଡେ ଦୁଖେ ପୁଷି ପାଲି ମୁଇଁ ତାକେ ଏଡକିଟେ କରିଛେ । କବିତା ସବୁଦିନର ମୋର କୋଡଛୁଆ । ତାର ଅଲି ଅରଦଲି,ଅରଷ୍ଟିକେ ମୁଇଁ ସଦାବେଲେ ସହି ଆସିଛେ ।

ଇ ବହି ନ ଥିବାର କବିତାମାନେ ହେନ୍‌ତା ବେଲର ସାଖି ଆନ୍ । ଇନ ସାନିଘାଁଟି ହେଉଥିବାର ଜୀବନ ଜଂଜାଲର କଥା ଅଛେ,ଜୀବନ ଦରଶନ୍ ର କଥା ଅଛେ, ଇ ସଂସାର ର ଦୁଖ୍ ଦରଦ୍, ନିଏ ଅନିଏ ,ଅତ୍ୟାଚାର ,ଏକଲାପନ୍ ର କଥା ଅଛେ । ଆଶାର କଥା ଅଛେ,ନିରାଶାର କଥା ବି ଅଛେ । ଦୁନିଆଁର କଥା ଅଛେ । ଦୁନିଆଁ ବାହାରର କଥା ବି ଅଛେ । ହେଲେ ମୋର କବିତା ମାନେ ଖାଲି ଦୁଖ୍‌ର କଥା ନାଇଁ କହିକରି ଦୁଖ୍ ନ ଥିବାର ଏକଲା ଆର ହେଲଗେଲା ମୁନୁଷର ଆଖିନୁ ଲୁହୁ ପୁଛବାର କେ ଯେନ୍‌ତା ରୁମାଲଟେ ଧରି ଠିଆ ହେଇଛନ୍ । ଅଁଧାରେ ହଜି ଯାଇଥିବାର ମୁନୁଷ୍ ସମାଜକେ ବାଟ ଦେଖାବାରକେ ଡିବିରିଟେ ଧରି ବାଟ କଢୁଆଲର କାମ୍ କରୁଛନ୍ ।

ଇ ବହିର କବିତା ମାନେ ଭିନ୍ ଭିନ୍ ପତ୍ରପତ୍ରିକା ମାନକେ ବାହାରି କରି ପାଠକ୍ ମାନକର ଆଦର ପାଇଛେ ।  ଫେସବୁକ୍ ନ ପୋଷ୍ଟ କଲା ଉତାରୁ ପାଠକମାନେ ବଢିଆ ମତାମତ ଦେଇ ମୋତେ ଟିହିଁକେଇଛନ୍ । ଭିନ୍ ଭିନ୍ କବିତା ଆସର ମାନକେ

କବିତା ମାନକୁ ଭିଲ ପଢିଛେଁ । ସେ ସବୁ ପାଠକ ଆର ପତ୍ରିକାର ସଂପାଦକ ମାନକୁ ମୋର ଗୁରଦୁଟେ ଧନ୍ୟବାଦ । ଆମର ବୁଲି ସବୁଆଡେ ଭିନ୍ ଭିନ୍ ଆର ଆମର ଗୁଟେ ଲିପି ବି ନାଇଁନ । ହେତିର ଲାଗି ଯେତେ ସୁଧରାଲେ ବି ଭୁଲ ଚୁକ୍ ନିଶ୍ଚେ ରହି ଯାଇଥିବା ।  ସିଆନ୍ ପାଠକ୍ ହେଟାକେ ନାଇଁ ଧରବେ ଆର ତାଁକର ବତରେ ପଢବେ ବଲି ବିନତି ।

କବିତା ମୁନୁଷର ଛାତିର ଦୁଖ୍ କମ୍ କରବାରକେ ସାହାହେଉ । ପୁଢା ଘା ନ ମଲମ ଲେଖେ କାମକରୁ । ଆମର ସଂସାରକେ କବିତାର ଉଧେ ଶାନ୍ତି ଫିରି ଆସୁ । ସଭେ ସୁଖେ ରହୁନ,ଶାନ୍ତି ନ ରହୁନ୍ ହେତ୍‌କିନ ମୋର ବିନ୍‌ତି ଆଏ ।

'ସର୍ବେ ଭବନ୍ତୁ ସୁଖିନଃ...........'

ବରଗଡ଼

ତା-୦୪.୦୩.୨୦୨୬( ହୋଲି)

ବିନୀତ

**ରୋହିତ ଦାଶ**

# ରୋହିତ ଦାଶ୍‌ଙ୍କର 'ଉଡାନ୍'
# କବିତା ସଂକଲନର୍ ଅଲଗ୍ ପେହେଚାନ୍

ସମ୍ବଲପୁରୀ ଆର୍ ଉଡ଼ିଆ ଭାଷାଥି ନିଜର କଲମ୍ ଚଲେଇ ଗୁର୍‌ଦୁଟେ ନାଁ କମେଇଛନ୍, ସନ୍‌ମାନ୍ ପାଇଛନ୍ ଆମର୍ ସମିଆର ବର୍‌କସ୍ କବି ରୋହିତ କୁମାର ଦାଶ । ୨୦୨୫ ସାଲେ ପର୍‌କାସିତ୍ ତାଁକର ପହେଲା ସମ୍ବଲପୁରୀ କବିତା ବହି 'ଅଲଝଟ୍' ପାଠକ୍‌ମାନ୍‌କର ଠାନୁ ଖୋବ୍ ଆଦର ସାଉଁଟି ସାରିଛେ । ତିରିଶ୍‌ଟା ଦମ୍‌ଦାର କବିତାର ଆତ୍‌ମାକେ ଧରି ତାଁକର ଦୁସ୍‌ରା କବିତା ସଂକଲନ 'ଉଡ଼ାନ୍' ସଥେ ଯେନ୍‌ତା ଗୁଟେ ବଡ଼ଖା ଉଡ଼ାନ୍ ମାରିଛେ ୨୦୨୬ ସାଲେ ନୁଆଁ ଭାବ, ନୁଆଁ ଶବଦ, ନୁଆଁ ଶୈଲୀ, ନୁଆଁ ଗଢନ୍‌ଥି ନିଜର ଦିହିର ଭିତର ଆର ବାହାର୍‌କେ ଅଏନ୍ ସଜେଇକରି । ଇ କବିତା ବହିର ଗୁର୍‌ଦୁ କବିତାନେ ଜୀବନ-ଦର୍ଶନର୍ ଗୁହେର କଥା ରହିଛେ, ଜୀବନ-ମରନ୍ ର ଗୁପତ୍ କଥାକେ ପାଠକ୍ ମାନ୍‌କର ସାମ୍‌ନାଥି ଖୁଲିକରି କହିଛେ,ମୁନୁଷ୍‌କେ ଭଲ ପାଏବାର,ଅଁଧାର ଉକିଆର ଲୁକ୍‌ଲୁକାନି ଭିତ୍‌ରେ ଜୀବନର ଉଡ଼ାନ୍‌କେ କୁହୁକ ବାସ୍ତବତାଥି ଘଷିମାଜି ରଖିବାର୍‌କେ ଜିଦ୍ ଧରିଛେ । ରୋହିତ ଦାଶ୍‌ଙ୍କର ସମ୍ବଲପୁରୀ କବିତା ଭିତ୍‌ରେ ଉତର୍ ଆଧୁନିକତା ର ଝଲକ ବାରି ହେଇପଡୁଛେ ପାଠକ୍‌ମାନ୍‌କୁ ବାଁଧି ରଖି ପାର୍‌ବାର୍‌କେ । 'ଉଡ଼ାନ୍' କବିତା ସଂକଲନ ଭିତ୍‌ରେ ଏବର୍ ସମ୍ବଲପୁରୀ କବିତାର ଢାଁଚା ଗୁଟେ ନୁଆଁ ଚେହେରାକେ ଅପ୍‌ନେଇଛେ ଯେନ୍‌ଟା ଇ ସମିଆର ଶୈଲୀକେ ଗୁଟେ ଅଲଗ ପେହେଚାନ୍ ଦେଇଛେ । ରୋହିତ ଦାଶ ଗୁଟେ ଜୀବନ୍‌ବାଦୀ ଆରୁ ବାସ୍ତବବାଦୀ କବି ଆନ୍ ଯାହାର କବିତା ଦାଦନ୍, ଦଲିତ, ଖଟିଖିଆ, ଭୁଖା, ବିସ୍ଥାପିତ ମାନ୍‌କର ଛାତିର ଦରଜ, ଆଖିର ଲୁହୁ, ଦିହିର ବଥା,ଅଭାବୀ ମାଏଝି ମାନ୍‌କର ମନର ଦୁଖ, ହୁରୁଦର ଦୁକ୍‌ଦୁକି ଆର ସାମାଜିକ ଲାଂଛନା କେ ବନ୍‌ଏ ଚିତ୍‌ରେଇ ପାରିଛେ ।

ଇନ ରୋହିତ ଦାଶ୍‌ଙ୍କର 'ଉଡ଼ାନ୍' ବହିର ମୁହୁଡ଼ାନୁ କିଛି ଧାଡ଼ିକେ ନାଇଁ ଲେଖ୍‌ଲେ ମୋର ଲେଖା ଅଧୁରା ହେଇଯିବା ବଲି ଭାବୁଛେଁ । 'କବିତା ମୋର ଛିର ମାନକେ ରକତ୍ ହେଇ ବୁହୁଥିସି । ନିଶାସ୍ ହେଇ ମୋର ଦିହେ ବୁହୁଥିସି । ସେ ଆଡ୍‌କେ କେଭେ ମୋର ଧିଆନ୍ ନାଇଁଥାଏ । ମୁଇଁ ମୋର ବାଟେ ଜିଉଁଥିସି ।' ଉଡ଼ାନ୍ କବିତା ବହିର ସୁଖ୍‌ଦୁଖ୍, ମାୟାଜାଲ, ମୁନୁଷ୍‌ପନ୍, ଜୀବନ, ଉଡ଼ାନ୍, ଉଦୁର୍‌ମାତ୍, ଜୀବନ ଜନ୍‌ଜାଲ୍, କିଏ ଗୁଟେ ଡାକୁଛେ, ଝନେ କେ ଟାକିଛେଁ, କବିତା ମାନ୍‌କର ଭିତ୍‌ରେ ସାମାଜିକ ଜୀବନର ଚଢାଉତୁରା ରହସ୍ୟ, ମୁନୁଷ୍‌କେ ପେରେମ୍ କରବାର ଭାବ୍, ମଏତର୍, ସମିଆକେ ଟାକି ଜୀବ ସଂଗେ ସାଲିସ୍ କର୍‌ବାର୍ ଗୁଟେ ନୁଆଁ ଦିଶାଟେ କବି ପାଠକ୍‌ମାନ୍‌କର୍ ଆଗେ ଦେଖେଇ ଦେଇଛନ୍ । କେତେଟା କବିତା ଭିତ୍‌ରେ କବିଙ୍କର ବିଦ୍ରୋହୀ ଅଙ୍ଗୀକାର ତାଁକର ରକତ୍‌କେ ସେହି କରି ନିଜେ ନିଜେ କବିତା ଲେଖିଚାଲିଛନ୍ । ତାଁକର୍ କବିତା ଭିତ୍‌ରେ ଦୁଖ୍‌ସୁଖ୍, ପାପ୍ ପୁଇନ୍, ଜୀବନ୍ ମରନ୍‌ର ଲୁକ୍‌ଲୁକାନି,ଦୁଖି ମୁନୁଷ୍ ସଂଗେ ସଂପର୍କ ରଖିବାର୍ ଆର ନାରୀବାଦ୍‌କେ ସନ୍‌ମାନ୍ ଦେବାର ଗୁହେର୍ ଭାବ୍ ରହିଛେ । 'ଉଡ଼ାନ୍' କବିତା ସଂକଲନ୍ ଜହ ପାଠକ୍ ମାନ୍‌କର ଆଦର୍ ଆରୁ ଶର୍‌ଧା ପାଏବା ବଲି ଗୁର୍‌ଦୁ ଆଶ୍, ବିଶ୍ୱାସ୍ ରହିଛେ ।

**ଶ୍ରୀ ସୌଭାଗ୍ୟବନ୍ତ ମହାରଣା**
ବିଶିଷ୍ଟ କବି ଓ ସମାଲୋଚକ
ସମ୍ବଲପୁର

# କେନ୍‌ଠାନେ କେନ୍ କବିତା


| କ୍ର.ନ | ବିଷେ | ପୃଷ୍ଠା |
|---|---|---|
| ୦୧. | ଯିବାର୍ ଆସ୍‌ବାର୍ | ୦୧ |
| ୦୨. | କଁଟା | ୦୩ |
| ୦୩. | ତୁମ୍‌କୁ ଭେଟ୍‌ମି ବଲି | ୦୬ |
| ୦୪. | କିଛି ନାଇଁ ବଦ୍‌ଲି | ୦୯ |
| ୦୫. | ସୁଖ୍ ଦୁଖ୍ | ୧୨ |
| ୦୬. | ବାଦଲ୍ | ୧୪ |
| ୦୭. | ଆମ୍‌ହାର ଶାନ୍ତି | ୧୭ |
| ୦୮. | କିଏ ଅଛେ ମୋର୍ ପାଶେ | ୨୦ |
| ୦୯. | ମାୟା ଜାଲ୍ | ୨୨ |
| ୧୦. | ନୁଆଁ ବରଷ୍ | ୨୪ |
| ୧୧. | ନୁଆଁ ସଖାଲ୍ | ୨୮ |
| ୧୨. | ମୁନୁଷ୍‌ପନ୍ | ୩୧ |
| ୧୩. | ଜୀବନ୍ | ୩୫ |
| ୧୪. | ରୁବାବ୍ | ୩୮ |
| ୧୫. | ଗୁଁଦ୍‌ଲାଗୁପା | ୪୦ |
| ୧୬. | ଉଡ଼ାନ୍ | ୪୩ |
| ୧୭. | ଉଦ୍ଦୁରମାତ୍ | ୪୭ |
| ୧୮. | ସାରା ଜୀବନ୍ ତୋର୍ ଲାଗି | ୫୧ |

| କ୍ର.ନ | ବିଷେ | ପୃଷ୍ଠା |
|---|---|---|
| ୧୯. | ତୋର୍ ବିନା ଇ ମାଘେ | ୫୪ |
| ୨୦. | ଭିନ୍ ରାସ୍ତା | ୫୬ |
| ୨୧. | ଆର୍ କେତେବେଲ୍ ଶୁଇବୁ | ୫୯ |
| ୨୨. | ସମିଆ | ୬୨ |
| ୨୩. | ଜୀବନ୍ ଜନ୍‌ଜାଲ୍ | ୬୪ |
| ୨୪. | ଅନ୍‌ମୁନ୍‌ସିଆ | ୬୬ |
| ୨୫. | କିଏ ଗୁଟେ ଡାକୁଛେ | ୭୦ |
| ୨୬. | ଆଏତ୍ | ୭୩ |
| ୨୭. | ଭଲ୍ ସମିଆ | ୭୬ |
| ୨୮. | ଭକୁଆ | ୭୮ |
| ୨୯. | ଝନେ କେ ଟାକିଛେଁ | ୮୦ |
| ୩୦. | ଟେଂଗ୍‌ଟା | ୮୨ |
| ୩୧. | ସବୁ ଫୁଲ୍ ତ ସୁନ୍ଦର୍ | ୮୪ |
| ୩୨. | ଯାହାର୍ ଆଁଖି ସେ | ୮୬ |
| ୩୩. | ଲାଭ୍ | ୮୮ |
| ୩୪. | ଡେନା | ୯୦ |
| ୩୫. | ଫଗୁନର୍ ଗୀତ୍ | ୯୩ |
| ୩୬. | ବସ୍ ଟେସନ୍ | ୯୫ |
| ୩୭. | ମୁଇଁ କେନ କବିତା ଲେଖସିଁ | ୯୮ |

# ଯିବାର୍ ଆସ୍‌ବାର୍

କେ ଜାନେ ଅଚାନ୍‌କିଆ
କେନ କେତେବେଲେ
ଅଟ୍‌କଯିବା ଗାଡି କେନ ଷ୍ଟେସନ୍ ନ
ସିଗ୍‌ନାଲ ର ଲାଲ୍‌ବତୀ ତ
ଦିଶ୍‌ଲାନ ।

ବସିଛେଁ ବଗି ନ ଏକ୍‌ଲା
ଆର୍ ଭାବୁଛେଁ
ବସିଛନ୍ ଆର୍ ବି
କେତେ କେତେ ଲୋକ୍
ମୋର ସଂଗେ ସମାନ୍ ବଗି ନ
ଚାଲିଛେ ଚେକିଂ
କଲାକୋଟ୍ ପିନ୍ଧି
ବୁଲୁଛେ ଟିଟିଇ
ବିନା ଟିକିଟ୍‌ବାଲେ
ହେବେନ ଠେଁଡି ପିଟି ।

ଆସୁଛେ ଝାଲ୍ ମୁର୍‌ହି
ପାପଡ୍ ଚନା ସିଝା

ଚାୟ ଗର୍ମା ଗରମ୍
କଁଷି କାକେର୍ ନରମ୍ ନରମ୍ ।

ବାହାରେ ଦୁର୍କେ ଦୁର୍କେ
ପଲଉଛେ ଗଛ ଖୁଁଟ୍
ନଏଦ୍ ନଲିଆ ଖେତ୍ଖଲା
ପର୍ବତ ଆକାଶ୍
ଆଏଜ୍ ଆର୍ କିହେ ନାଇଁନ ପାଶେ
ଲାଗୁଛେ ବଡା ହତାଶ୍
କେଯାନେ କେନ ଇ ନିଶାସ୍
ଟିକ୍କ ଅଟ୍କିଯିବା
ଆର୍ ସବ୍ ସଟ୍କିଯିବା ।

ଯିବାର୍ ଲୋକ୍ ତ ସଜ୍ବଜ୍ ହେଇ
ଏକସ୍କଟି ଯାଉଛେ
କେନ୍ ଛଟ୍କେ ଗାଡି ଅଟ୍କିଯିବା ଯେ
ତାକେ କାଏଁ ଜନା ଅଛେ
ତଥାପି ଦେଖ କେଡ଼େ ଅଚିନ୍ତା ଇ ମୁନୁଷ୍
ଘରୁ ଗୋଡ଼୍ କାଢ଼ିଛେ
ଇ ଦୁନିଆଁ ନ କେନ୍ ଜିନିଷର୍
ସତେ ଠିକ୍ ଠିକ୍ନା ଅଛେ
ତଥାପି ଅଠିପହର୍ ମୁନୁଷ୍କର୍
ଯିବାର୍ ଆସ୍ବାର୍ ଲାଗି ରହିଛେ ।

◆

# କଁଟା

ଯେତ୍‌କି ଥର
ଗୁଲାପ ଆଡ୍‌କେ ହାତ୍ ବଢ଼େଇଛେଁ
କଁଟାଥି ଆଁପ୍‌ରି ହେଇଛେ
ହେତିର୍ ଲାଗି ଗୁଲାପ ର ନାଁ ଶୁନି
ଆଏଜ୍ କା ଡରି ମରୁଛେଁ ।

ସଥେତ ଭଗବାନ୍ କାଏଁଜେ ଏନ୍ତା
ଅନିଏ କର୍‌ସି
ଗୁଲାପ୍‌ଥି ଦେସି କଁଟା
ତର୍‌ଭୁଜ୍ ଆର୍ ବଢଲ୍ ଥି ମଞ୍ଜି
ଆର୍ ପଦମ୍‌ଫୁଲକେ ଆନ୍‌ମି
ବଲି ହାତ ବଢ଼ାଲେ
ଛନ୍ଦ୍‌ଲେଇ ହେସି ଗୁଡ଼େ
ବୁରୋଝାଂଜି ।

ସବୁ ଭଲ ଜିନିଷ ହେନ୍ତାଟା
ପାଏବାରଟା କାଏଡ଼ ଆଏ
ସହଜେ ନାଇଁ ମିଲେ
କହେସନ ପରେ
କଷ୍ଟ କଲେ କୁଷ୍ଟ ମିଲ୍ସି
ସୁଖ୍ଥି ଦୁଖ୍
ଆର ଦୁଖ୍ ଭିତ୍ରେ ସୁଖ୍
ଲୁକିକରି ଥିସି ।

ଘାଏ ଘାଏ ସବୁ ଜିନିଷ
ସହଜେ ନାଇଁ ମିଲେ
କେନ୍ଟା କରମେ ଥିସି
କେନ୍ଟା ଭିଲ କପାଲେ
ନାଇଁଥାଏ
ଘାଏ ଘାଏ ଦଏବ ବି
ଜାନିଶୁନି
ପରଖୁଥିସି ତୋର ହିଆକେ
ତୁଇ କେତେ ଚାହୁଁଚୁ
କେତେ ଅଛେ ତୋର ଦମ୍ ବଲି ।

ଦୁଖ୍ମନା ନାଇଁ ହ ପୁତା
ଆର କେତେହେବୁ ସାନିଘାଁଟି
କେତେହେବୁ ହୁର୍ଗୁନି
ହାତ ଫୁଡ଼ିହେଉ
ରକତ୍ ବି ଝର୍ବା ଯଦି ଝରିଯାଉ

ହେଲେ ତତେ ଯଦି ଗୁଲାପ ଦରକାର
ହାତ ବଢ଼ା ଅଲ୍‌ବତ ହାତ ବଢ଼ା
ଗୁଲାପ ଆଡ୍‌କେ
କରମ୍ କଲେ ଫଲ ତ
ମିଲବା ନିଶ୍‌ଚେ
ସେ ଭଲ ହଉ କି ଖରାପ
ସବୁ ତୋର କରମ ହିସାବେ
ମିଲ୍‌ବା ପୁଇନ୍ ଆର୍ ପାପ୍ ।

ବଡ଼ ଲୋକ୍‌ଟେ କହିଛନ ପରେ
ଉଠ୍ ଜାଗ୍ ଆର ନାଇଁ ଅଟ୍‌କୁ
ଉଠା କଦମ୍ ଆଗ୍‌କେ ବଢ
ସାହାସ ଅଛେ ବେଲେ
ନିଜର ହିସାବେ ନିଶାନିକେ ଚଢ଼
ନାଇଁ ଭାବ ତୁଇ ନିଜ୍‌କେ ଛୋଟ ଆଉ କି ବଡ଼
ନାଇଁ ହେଲେ ସବ ହେବା ନ ଗଡ୍‌ବଡ୍ ।

◆

# ତୁମ୍‌କୁ ଭେଟ୍‌ମି ବଲି

ତୁମକୁ ଭେଟ୍‌ମି ବଲି
ପହପହନୁ ବାଟ୍ ଦେଖୁଥିଲି ।

ତୁମେ ଆଏମି ଆଏମି ହେଇ
ମୋତେ ଖାଲି ଟିଆ ଦେଉଥିଲ
ମୁଇଁ ଘରୁ ବାଟ୍‌କେ
ବାଟୁ ଘରକେ ହେଉଥିଲି
ଘାଏ କେ ଘାଏ ଫୁଲିବାଟୁ
ଡୁଙ୍ଗି ଦେଖୁଥିଲି
କେନ ଖୁର୍‌ର କଲେ
ଚମ୍‌କି ପଡୁଥିଲି
କିଏ ଭେଲ ମୋତେ ଛାପ୍‌କିଦେଲା କେଁ ବଲି

ପଛ୍‌କେ ଲେହେଁଟି ଦେଖୁଥିଲି
ବେଲ ଖର ହେତେଲ ଯାଉଥିଲା
ଥିର୍‌ପିଆନୁ
ବେଲା ହେଲା
ବେଲାନୁ ହେଲା
ଠାଡ଼ ମଏଧାନ୍
ମଏଧାନ୍ ନୁ
ଗାଇଢୁକା ବେଲ
ଗାଇଢୁକା ବେଲ ନୁ
ମାଛି ଅନ୍ଧାର ।

ମୁଇଁ ଆଶ୍ ଛାଡିଦେଲି
ଜାନ୍‌ଲି ତୁମେ ଆର ନାଇଁ ଆସନ
ତହବି ଢାପିଘୁଡି ହେଇ
ଖଟେ ଉଁନ୍‌ଲିଲା ବେଲେ
ମୋତେ ଶୁଭୁଥିଲା ତୁମର
ପାହା ଶବଦ୍
ଯେନ୍‌ତା ତୁମେ ଆସୁଥିଲ
ପାହା ଚିପି ଚିପି
ମୁଇଁ ଫେର ଘାଏ ଆଶ୍‌ଟେ ଧରି
ତୁମକୁ ଟାକି ଟାକି
ଶୁଇବାର କେ ବାହାର୍‌ଲି
ଛାଏଁ ନିଦିଆ
ଝୁପି ପଡୁଥାଏଁ
ଆଏଁଖ୍ ଲାଗି ଆଉଥାଏ

ଆର ତୁମେ ହେଦେ
ଆସ୍‌ଲ ମେତାଲ ଲାଗ୍‌ଲା
ମୁଇଁ ଚମ୍‌କି କରି ଉଠି
ଝଟେ ହଡ୍‌ବଡେଇ କରି ବସ୍‌ଲି ।

ସବୁଦିନ ତୁମର ଆସ୍‌ବାର୍‌ଟା ଏନ୍ତା ଆଏ
କେତେବେଲେ ଆଏସ ଆର
କେନ ଛଟ୍‌କେ ପଲେଇ ଯାଏସ ଯେ ଖାଲି
ତୁମକୁ ଏକା ଜନା
ତୁମକୁ ଖୁଜି ନୁରି
ତୁମର ବାଟକେ ଅନ୍‌ସରି
ମୁଇଁ ହେଇଗଲିନ ବାଟ୍‌ବନା ।

◆

# କିଛି ନାଇଁ ବଦ୍‌ଲି

ସବ୍ ଯେନ୍‌ତାକେ ସେନ୍‌ତା ଅଛେ
ପହପହନୁ
କୁକୁରାର କଁକ୍‌ରେ କଁକ୍‌ଥି ନିଦ୍ ଭାଁଗଲା
ବେଲ୍ ତ ହେନ୍‌ତା ପୁରୁବ ଦିଗେ ଉଦଲା ଆର ପଶ୍ଚିମଥି ବୁଡଲା
ଛୁଆମାନେ ସୁଏଟର ପିନ୍ଧି ହାତେ ଟିଫିନ୍ ବାକସ ଧରି
ଯାଉଥିଲେ ଯେ ଯାହାର ଇସ୍କୁଲ
ଦୁରିଆନୁ ନଉକିରିଆ ମାନକର ଲାଗି
ଏସିସି ସିମେଣ୍ଟ କାରଖାନା ନୁ
ବାଜୁଥିଲା ସବୁଦିନର ମେତାଲ ବିଗୁଲ
ଶାଗ୍‌ବାଲି ଶାଗ ପସରା ମୁଣ୍ଡେ ବୁହି
ହଁସୁଥିଲା ମୁଲ୍ ମୁଲ୍
ରାତିର ଡିଉଟି ସାରି
ସାଇକିଲଟେ ଧରି
ଫିରୁଥିଲା ଘର୍‌କେ
ସିକୁରିଟି ଝୁମିରି ଝୁମିରି

ଚେନ୍ ଗଲା ହିଟି
ପାଖର ଘରୁ ପ୍ରେସର କୁକର ନ
ମାରୁଥିଲା ଦୁଇ ନମ୍ବର ସିଟି
ଓମ୍‌ଫେଡ୍ ଗୁରସ ଗାଡି ମାରୁଥିଲା ହରନ
ଡିଉଟି ବଜାବାର୍‌କେ ମାଟିଆ ପେଁଟ୍‌ସାର୍ଟ ପିନ୍ଧି
ସଜ୍‌ବାଜ୍ ହେଉଥିଲା ସିକୁରିଟି ଚନ୍ଦନ
ଏତ୍‌କି ବେଲ୍‌କେ କେନଥିଲା ଯେ
ଆସ୍‌ଲା ସେ ଛୁଟା କୁକୁର
ଗୋଡ଼ ଟେକିକରି ବାଇକ୍‌ର ଚକା ଉପରେ
ମୁତିଦେଲା ଛୁର ଛୁର
ବାଡ଼ିଟେ ଧରି ଖେଦୁଥିଲା
ତାହାକେ ସୁନା ବାହାଦୁର
ମାର ମାର ଧୂର ଧୂର ।

ରୁକ୍‌ମଣି ସିନେମା ହଲ ନ ଇହାଦେ ବି
ଲାଗିଛେ ଫିଲିମ୍ କାନ୍ତରା
ଫଲ ଦୁକାନେ ମିଲୁଛେ
କଦେଲ ସେଉ ଆର ଶାନ୍ତରା
ଧୂଏଲ ଉଡେଇ ଉଡେଇ
ଯାଉଛନ୍ ବନ୍‌ହେଇ ଚଟ୍‌ରେଇ
ମୁନ୍‌ସିପାଲଟି ର ଝାଡୁବାଲି ଧାଁଗରୀ
କିଏ ଅଛେ ଗୁରି କିଏ ବୁଠି କିଏ ବାଁଗରି
କିଏ ମସ୍ ମସ୍ ଚିକନ କାଲି
ଠିକାଦାର ପଛେ ପଛେ ଭିଡିଓ କରୁଛେ

ମୋବାଇଲ ନୁ
ଆର ହଉଛେ ତାଁକରନ ଚାହାଁଲି ।

ଏତ୍‌କି ଶିତେ ଗାନ୍ଧୀ ଛକେ ଠାଡ୍ ହେଇଛନ୍
ଗାନ୍ଧୀ ଆର ଗଙ୍ଗାଧର
କବି ତ କୋଟ୍ ହେଲେ ପିନ୍ଧିଛନ୍
ମାଘର ଶିତେ ଠୁର ଠୁର ଗାନ୍ଧୀ ବୁଢ଼ା ଥରୁଛନ୍
ମେଲା ଦିହେ ଖାଲି ଖଁଡେ ପୁର୍‌ନା ଚାଦର
ବୁଢାର ଶିତ କାକର କିଛିକେ
ନାଇଁ ଥାଏ ଡର ।

ହାତେ ଫୁଲ ଉଞ୍ଚେଲେ ଧରି
ଦୁର୍ଗା ମାହାପୁରୁକେ ମୁଡିଆଟେ ମାରି
ଭଜନ୍‌ଟେ ଗୁନ୍‌ଗୁନଉଥିଲା
ବୁଲି ବୁଲି ସେ ଚିତ୍‌ପାଗ୍‌ଲି
ଯେନ୍‌ଟା ଯେନ୍‌ତା ଥିଲା ତ ହେନ୍‌ତା ଅଛେ
ଇହାଦେ ଭିଲ କିଛି ନାଇଁ ବଦଲି ।

◆

# ସୁଖ୍ ଦୁଖ୍

ଏନ୍ତା କିହେ ନାଇଁନ ଯେ
ଦୁଖ୍ ନାଇଁ ଭୁଗି
ସେ ସଂସାର ଜଞ୍ଜାଲ ର
ସାଦା ମୁନୁଷ ହଉ କି
ଗେରୁଆ ପିନ୍ଧା ବାବାଜୀ ।

ସୁଖ୍ ଦୁଖ୍ ତ ସମ୍‌କୁ ଲାଗିଛେ
କିଏ ନିଲ୍‌ଜେଇ କରି ସହି ନେଉଛେ
ତ କାହାକେ ହେଉଛେ ଭାରୀ
ସମ୍‌କର ଘରେ ଅଛେ ସୁଖ୍ ଦୁଖ୍
ରୋଗ ଦୁଖ୍ ବେମାରୀ
ମୁନୁଷ ସୁଖର ସମିଆକେ

ଦେସି ସିନେ ସବୁ ପାସରି
ଆର ଦୁଖ୍‌ଥି ଜହ ହେଉଥିସି ଘାରି
ସୁଖର ସମିଆ ଘାଏକେ ଯାଏସି ସରି
ହେଲେ କାହାର ଘରେ ନାଇଁନ କହ
ଇ ରୋଗ ଦୁଖ୍ ବେମାରୀ ।

ସୁଖର ସମିଆ ବେଲକେ କିହେ
ମାହାପୁରୁ ମହାଦେବ୍‌କେ ନାଇଁ ଡାକନ୍
ଦୁଃଖର ବେଲକେ ସମକୁ ପଡସି ସୋର
ଡହକ ବିକଲ ହେଇ ମୁନୁଷ କହୁଥିସି
ମହାପୁରୁ କେ ମୋର ମୋର ମୋର
ତାର ବି ଦେଖ ଲିଲାଖେଲା ଇ ଜଗତେ
କେନ୍‌ତା ଲଗେଇ ଦେଇଛେ
ମୁନୁଷକର ସଂଗେ ଡୋର ।

ଡାକ୍‌ଲା କି ଯଦି ହେଇଗଲା କାମ୍
ମୁନୁଷ କହେସି ମହାପୁରୁ କେ ରାମ ରାମ
ଆର କାମ ନାଇଁ ହେଇପାରଲେ କହେସି ଚୋର
ମହାପୁରୁ ତ ସମ୍‌କିରି ର ଆଏ
ଆର କାହାରିର ଭିଲ ନୁହେସେ
ନୁହେସେ ତାର ତୋର କି ନୁହେ ମୋର ।

◆

# ବାଦଲ୍

ଆଏଜ କା ବାଦଲ ଘୁଟ୍‌ଘୁଟେଇ ଦେଇଛେ
ମାଘ୍‌ମାସର କୁନ୍‌କୁନିଆ ଜାଡ଼ଥି
ଗୋଡ଼ହାତ୍ କନ୍‌କନେଇ ଯାଉଛେ
ଘରେ ରେଜେଇ କମଲ ଘୁଡିହେଇ
ଢ଼ାପ୍ ଘୁଡୁଘୁଡୁ ହେଇ ଶୁଇବାରକେ
ମନ ତରସି ଯାଉଛେ ।

କଅଁଲି ଛନ୍ ଛନ୍ କୁକୁର୍‌ମାନେ
ଲେଠେରେଇ ହେଇ ଚୁଷୁଛନ
ମାଇ କୁକୁର ର ଛିର
ଶୀତର ମାରେ ତାର ଛିରନୁ ହେଲେ
କେନ ନିଝୁରୁଛେ ଖିର
ସଜ୍‌ନା ଡାଲେ ବସିଛେ ଗୁଟେ ମଏନା
ଜାଡ଼ଥି କେଁଟେରେଇ ହେଇ ଯାଇଛେ
ତାର ଦିହି ଆର ଡେନା
କୁଆ ର କା କା ଥି ବି ଆର

ନାଇଁନ ଦମ୍
ମା କେ ଖୁଜି ଖୁଜି
ବାଛି ହମ୍ବା ରଡୁଛେ ହେଇ ଅଦମ୍ ।

ଗୁଡୁମୁଡ୍‌କେ ଢାପିଘୁଡି ହେଇ
ଛୁଆମାନେ ବାହାରିଲେ ନ ଇସ୍କୁଲ
ଘରଛାଡି ପଢି ଯିବାରକେ
ତାଙ୍କର ମନ ନାଇଁନ ବିଲକୁଲ୍
ମା ମାନେ ହେଉଛନ ଚୁପୁରକୁଟ୍
ଏସୁରକା ଶୀତ ହେଉଛେ ଧୁର୍‌କୁଟ୍
ହେଲେ ଇ ବାଦଲ ହେଲା ବଏରୀ
ଖରା ଟିକେ ବନେକରି ନାଇଁହେଲେ
କେନ ପାରି ହେଉଛେ ବରି ।

ମଣ୍ଡି ନ ଶୁଇଛେ ଚାଷୀ
ନିଆଁ ତାପି ତାପି
ବସିଛେ ଚିନ୍ତା ନ
କେଭେ ତାର ଧାନ ନେବେ ନାପି
କଟ୍‌ନି ଛଟ୍‌ନିକେ ତାର ଡର
ଚାଷୀର ଲାଗି ଉଠୁଛେ ପଡୁଛେ
ରାଜଧାନୀ ଭୁବନେଶର ।

ଭୁବନେଶର ଆଏ ପରେ
ରାଏଜର ରାଜଧାନୀ

ଯେଭେ ଦେଖିବ ସେନ ଚାଲିଛେ
ଚୁରିହାରି ଆର ରାହାଜାନି
ଗଲା ରାତି ହେଇଛେ ଦୁଇଟା
କୁଆଁରୀ ଟୁକେଲ ଉପରେ ଅତ୍ୟାଚାର
ଏତେ ନେତା ମନ୍ତ୍ରୀ ଥିଲେ ବି ସେନ
ନାଇଁ ଶୁଭେ କାହାକେ ତାଙ୍କର ଚିତ୍କାର
ଖାଲି ଛୁଛାଟାକେ ମାଇକ୍ ଧରି
କରବେ ଇହାଦେ ରାସ୍ତା ନ ହୋ ବମ୍
ରେ ରେ କାର ।

ଇହାଦେ ଚାର୍‌ହିଆଡ଼େ ଦେଶର
କଲା ବାଦଲ ଛାଇ ଯାଇଛେ
ଚାର୍‌ହିକୁତି ଅନ୍ଧାର
ଯାହାର ମନକେ ଯାହା ଆସଲା
ମନ୍‌ଇଛା କରି ଚାଲିଛେ
ଅନ୍ଧ ରାଏଜେ
ଚୋରିହାରି ଲୁଟ୍‌ତରାଜ ଚାଲିଛେ
ଦୁର୍‌ବଲିଆ ଶାସନ ଆର ବେନିୟମ୍ କାମ୍
ଅନିଏ ଅନୀତି ଅତ୍ୟାଚାର ହେଉଛେ
ଇ ଦୁଇଦିନିଆଁ ବାଦଲ ତ ପଲେଇଯିବା
ହେଲେ କେଭେ ବେଲ ଉଦବା
ଆର ଅନ୍ଧାର ଯିବା ଯେ
ଦେଶ ତାହାକେ ଟାକି ବସିଛେ ।

◆

# ଆତ୍ମାର ଶାନ୍ତି

ଆଏଜ୍‌କାଲି
ଅଧାରାତି ନିଦ ଭାଙ୍ଗି ଯାଉଛେ
କିଏଗୁଟେ ମୋର କାନ୍‌କେ ଧରି
ଝିଡ୍‌ଝିଡେଇ ଦେଉଛେ
ଆର କହୁଛେ
ଆର କେତେ ଶୁଇବୁ ରୋହିତ !
ଉଠ !
ତୋର କେଥିନିକେତେ କାମ ବାକିଅଛେ ।

ମୁଇଁ ଖଡ୍‌ବଡାନୁ ଉଠୁଛେଁ
ଆର ଭାବୁଛେଁ
କାମ ତ ଅଛେ ବାକି
ହେଲେ ଇ ରାଏତ ଅଁଧିରିଆ

କେନ କାମ ହେବାକରି
ମୁଇଁ କାଗଜ କଲମ ଧରି
ବନଉଛେ ତାଲିକା
ମୋର ବାକିଥିବାର କାମକେ
ଗୁଟେ ଗୁଟେ ସୋର କରି କରି ।

କାମ୍‌ବୁତା ତ କେଭେ ନାଇଁ ସରେ
କହେସନ ପରେ
ମୁନୁଷ ମଲା ଉତ୍‌ରୁ ବି
କରା ପଡ୍‌ସି ବାର ଦିନ ତକ
ତାର ଲାଗି ବାର କରମ
ତାର ଉତ୍‌ରୁ ବଛର୍‌କେ ବଛର
ପିଣ୍ଡଦାନ କର୍‌ବାର୍‌ଟା ଧରମ
ପାତ୍‌ଲୀ ଟେକା
ବାମ୍‌ହନ୍ ଖିଆ
ଆର ଫେର ଯଦି ନାଇଁ ଯିବ
ତ୍ରିବେଣୀ ସଙ୍ଗମ
ଗଙ୍ଗା ଗୟା ପୁରୀ
ନାଇଁ ମିଲେ ଆତ୍ମାକେ ଶାନ୍ତି
ନାଇଁହୁଏ ତାର କେଭେ ଗତିମୁକ୍ତି ।

ଫେର କାଏଁଜେ ତୁଇ
ଏତ୍‌କି ଘାଁଟି ହେଉଛୁ ପୁତା
ଉଠି ପଡୁଛୁ ଅଧ୍‌ରାତି
କେତେ କାମ ଅଛେ ବାକି

ବଲି ଭାବି ଭାବି କରି
ଯା ପୁତା ରୋହିତ ଶୁଇବୁ ଯା
ଫେର୍‌ଘାଏ ଢାପିଘୁଡି ହେଇକରି ।

କାମ୍‌ବୁତା ତ କେଭେ ନାଇଁ ସରେ
ତୁଇ କାଏଁଜେ ହେଉଛୁ
ତାର ଲାଗି ଏତ୍‌କି ସାନିଘାଁଟି
ପହେଲା ହେ ବୁତା କର
ଯେନ୍‌ଥି ଜିଇଁ ଥାଉଁନ ଥାଉଁନ
ତୋର ଆତ୍ମା କେ ମିଲ୍‌ବା ଶାନ୍ତି ।

◆

# କିଏ ଅଛ ମୋର୍ ପାଶେ

ଆଏଜ କିଏ ଅଛ ମୋର୍ ପାଶେ
ବେଲେ ଘାଏ ଆସ
ମୋର ଛାତିକେ ତାମଡ଼୍
ଦେଖ ଆର ଧକ୍‌ଧକଉଛେ
କି ନାଇଁ ଯେ ।

କାଣାଗୁଟେ ହେ ଛାତିନ
ହଁଦ୍‌ଲେଇ ହେଉଛେ
ପେଟ୍‌ଟା ହଦ୍‌ମଦଉଛେ
ମୁଡ଼୍ ବୁଲଉଛେ
ଆଏଁଖ୍‌କାନ ଅନ୍ଧାର
ପଡ଼ି ଯାଉଛେ
ଚାର୍‌ହିକୁତି ଅନ୍ଧାର ଦିଶୁଛେ
କାନ୍ ଭାଏଁ ଭାଏଁ କରୁଛେ
ଟଁଟି ଶୁଖି ଯାଉଛେ

କିଏ ଅଛ ବଏଲେ ଆଏଜ୍
ଘାଏ ଆସ ମୋର ପାଖ୍‌କେ ।

କାଏଁ ଯେ ଦିନେ ଦିନେ ମୋତେ
ଏନ୍‌ତା ଲାଗ୍‌ସି
ଇଟା ଖାଲି ମୋର କଥା ଆଏ
କି ସଂସାର ଯାକର କଥା ଆଏ ।

ମୋର କାଣା ହଜିଛେ
କାଣା ନସିଛେ
କାଣା ହେଇଛେ ମତେ
ମୁଇଁ ନିଜେ ବି ନାଇଁ ଜାନି
ପାର୍‌ବାର ।

ପାରୁଛ ବେଲେ ଇହାଦେ ବି
ସମିଆ ଅଛେ ଆସ ।

◆

# ମାୟା ଜାଲ୍

ମୁନୁଷ ସବୁବେଲେ ଏକଲା
କାଣା ନେଇକରି ଆସିଥିଲା
କାଣା ନେଇକରି ଇନୁ ଯିବା
ଆସିଥିଲା ନଙ୍ଗ୍‌ଲା
ଯିବା ଭିଲ ନଙ୍ଗ୍‌ଲା ।

କାଏଁଥିର ଗରବ୍ କରୁଛୁ
ଇଟା କାଏଁଥିର୍ ଅହଁକାର୍
ତୋର ମେତାଲ୍ କେତେ ଆସିଛନ୍
କେତେ ଗଲେନ
ଛାଡ଼ି ତାଁକର କାର୍ କାରବାର୍
ହେ ମସାନ୍ ପଦାକେ ଦେଖ୍
ତୋର୍‌ନୁ ଆର୍ କେଡେ କେଡ଼େ ସିଆନ୍
ଇନ ହେଇ ଯାଇଛନ୍ ଖାର୍ ।

ସବୁ ବେକାର
ଧନ୍ ଦଉଲତ୍
ମାନ୍ ଅଭିମାନ୍
ରାଗ୍ ରଶ୍‌ମି

ହେରାଟେକା
ରୁଷାଫୁଲା
କୁନ୍ଥାକୁହୁଁରା
ପୁଓ ଝି
ବାପ୍ ମାଆ
ଝି ବୁହେନ୍
ନାତି ନାତେନ୍
ସାଙ୍ଗ ସଙ୍ଗାତେନ୍
ଇନ କିହେ ନୁହେସେ କାହାର
ବଢେ ମାୟା ଆଏ ଇ ସଂସାର
ଖାଲି ଗୁଁଦ୍‌ଲେଇ ହେବାରଟା ଇନ ସାର୍ ।

ଇହାଦେ ବି ସମିୟା ଅଛେ ପୁତା
ହେଜ୍ ଘାଏ ସବୁକଥା
ଆର୍ କେତେଦିନ୍ ସେ
ଗୁଟେ କଥାଥି ଘାଁଟି ହେଉଥିବୁ
ପାର୍‌ବୁ ବେଲେ
ଛିଡ଼େଇଦେ ମାୟାଜାଲ୍
ଆର୍ ହେଇଯା ଇ ସବୁ କଥାନୁ
ପରିବାହାର୍
ବଢ଼େ ମିଛ ମାୟା ଆଏ
ଇ ସଂସାର୍ ।

◆

# ନୁଆଁ ବରଷ୍

ଇଟା କାଏଁଥିର ନୁଆଁ ବରଷ୍
କାଏଁଥିର ନଚାଡେଗା
କାଏଁଥିର ଉସତ୍ ଉସ୍‌ନାକି
କରୋନା ରାକ୍ଷସ
ଲୁଟି ନେଇଗଲା ଜୀବନର
ଯାହାଥିଲା ବାକି ।

ଚାରହିଆଡେ ଅଶାନ୍ତି
ଅରାଜକତା, ଅତ୍ୟାଚାର
ଚୁରିହାରି ଲୁଟ୍‌ତରାଜ
ବଲାତ୍କାର
କେନ ଆର ମିଲି ପାରୁଛେ ଶାନ୍ତି ।

କେନ ଲାଗୁଛେ ଛାତି ଉଶାସ୍
କେନ ନେଇ ହେଉଛେ
ଆର ଶାନ୍ତିନ ଟିକେ ନିଶାସ୍

ସବୁବେଳେ ଲାଗୁଛେ
ଛାତି ହେଇଯାଉଛେ ରୁନ୍ଧି
ସବ ଘାଁଟି ହେଉଛନ୍
ଦୁଖ୍ ଦରଦ୍‌ଥି ହେଇ ଛନ୍ଦି
ମନର କଥା ବି ଆଉ
ନାଇଁ ହେଉଛେ କହି
ନାଇଁ କହିକରି ବି କେନ
ହେଉଛେ ରହି
କହେମି ବଏଲେ ହେଲେ
ଶୁନ୍‌ବାର୍‌କେ ଲୋକ୍ କାହିଁ ।

ସଂସାର୍ ଘାଏ ଘାଏ
ଲାଗୁଛେ ବିଷ୍‌ପିତା
ଶାନ୍ତି ବି ନାଇଁ ଦେଇ ପାରୁଛେ
ଭାଗବତ୍ କି ଗୀତା
ଘାଏ ଘାଏ ଲାଗସି
ତୁଇ ଭିଲ୍ ଚିତ୍‌ହେଇ
ଶୁଇ ପଡିଛୁ ମାହାପୁରୁ
ନାଇଁହେଲେ ଏତ୍‌କି ଅନିଏ
ଅତ୍ୟାଚାର୍ ଦେଖି
ତୁଇ କାଏଁଯେ ନାଇଁ ଅବତରୁ
କହତ ସଥେ କେଭେଯିବା
ସବୁ ଦୁଃଖ ଦରଦ୍ ଇ ସଂସାରୁ ।

ଅଛୁ ବଏଲେ
ଦେଖା ଘାଏ ତୋର କମାଲ୍
ଜାନିହେବା କେତେ ବରକସ୍
ଆଏ ଆମର୍ କପାଲ୍
ଲମ୍ବା ତୋର ଦୁହି ହାତ୍
ଯେନ୍ ହାତେ ଚକ୍ରପେଶି
ନକ୍ର ନାଶିଥିଲୁ
ଯେନ୍ ହାତେ ମୃଗୁଣିକେ
କରିଥିଲୁ ଉଦ୍ଧାର୍
"ଯେନ୍ ସ୍ତମ୍ଭନ ଦେଲେ ମନ୍
ସେନ ପରେ ଭଗବାନ୍"
ହେ ଅନ୍ୟାୟ ଅତ୍ୟାଚାର ବେଲେ
ଫେର କାଏଁଯେ ମୁଜି ଦେସୁ ଆଏଁଖ୍ କାନ୍ ।

ମମିତା ମେହେରର ଟଣ୍ଟି
ଚିପ୍‌ଲା ବେଲେ
ତୁଇ କେନ ଥିଲୁ ମାହାପୁରୁ
ତୁଇ ପରେ ଦ୍ରୌପଦୀକେ
ନଙ୍ଗଲା ହେଇ ଯିବେ ବଲି
କୋଟି ବସ୍ତ୍ର ଦେଇଥିଲୁ
ହେ ସରଲ୍ ନିରିହ ଟୁକେଲ
ବି ତ ଡାକିଥିବା ତତେ
ଗୁଲ୍‌ଗୁଲା ହେଇ
ସେ ଡହକ୍ ବିକଲ୍ ହେଇ
ରଡ଼ଲା ବେଲ୍‌କେ

ତୁଇ କେନ ଥିଲୁ ?
ହେନ୍ତା କେତେ କେତେ ଅଛେ
ଉଦାହରଣ
ସବୁ ନାଇଁ କହିହୁଏ
ବଛର୍‌ଟାକର କଥା
ଲେଖି ବସଲେ
ହେବା ଗୁଟେ ପୁରାଣ୍‌
ମିଛେହେବା ଇ କବି
ଲେଖି ଲେଖି ଗୁରଦୁ ହଏରାଣ ।

ତୋର ନୁଆଁ ବରଷ ଖରାପ
କରବାରକେ ମୁଁଇ ନାଇଁ ଚାହେଁ
ଯା ସୁଖେ ଭୋଗ ଖାଉଥା
ମନ୍ଦିର ନ ବସି
ଆଏଁଖି ମୁଜିକରି ମୁନୁଷ
ଦେଉଥାଉ ନଡିଆଟେ ଠେଁସି
ଆର ଦାନ୍ତ ଗିଜ୍‌ରେଇ ବର୍‌କସି
ତୁଇ ଦେଉଥା ଟିକେ ହଁସି ।

ଆର ନାଇଁନ କାହାର ମୁହୁଁନ
ହରଷ୍ ପରଷ୍
କେଜାନେ ଇଟା କାଏଁଥିର
ନୁଆଁ ବରଷ୍ ।

◆

# ନୁଆଁ ସଖାଲ୍

କିଏ ଗୁଟେ ସଖାଲୁ ସଖାଲୁ
ଶୁର୍‌ତଲିଖନ ଡାକଲା ଲେଖେ
ଡାକି ଦେଉଛେ
ଆର ମୁଇଁ ତାକେ ଅନ୍‌ସରି
ଧାଡ଼ିକେ ଧାଡ଼ି ଲେଖି ଛାଲିଛେଁ ।

କିଏ ଆଏ ହେଟା
ଯାହାକେ ମୁଁଇ ଦେଖି
ନାଇଁ ପାର୍‌ବାର୍
ଖଁଡେ ଦୁରେ ଠିଆହେଇ
ସେ ମୋତେ ଖିଜେଇ ହେଉଛେ
ମୋତେ ଟିହେଉଛେ ଉସ୍‌କଉଛେ
ଲେଖ ଲେଖ ବଲି
ତାଗ୍‌ଦା କରୁଛେ ।

ସଖାଲ ହେଲେକି ବେଲ୍ ଉଦୁଛେ
ଚରେର ଡେନା ଲେଖେ
ମୁଡ଼୍ ଉପ୍‌ରେ ଗୁଟେ ଆକାଶ୍
ଫଏଲିକରି ଅଛେ
ଗଛ ତାର୍ ତାର ପିକ୍ ମେଲୁଛେ
ଫୁଲ ତାର୍ ତାର୍ ପାଖ୍‌ରା ମେଲୁଛେ

ଭଅଁର ଆସି ତାର ଚାରିପାଖେ
କିନ୍ଦ୍‌ରୁଛେ
କେଜାନେ ସେ କାଏଁ ଗୀତ ଗୁଟେ
ଗୁନ୍ ଗୁନଉଛେ ।

ଇଟା ସବୁଦିନିଆଁ କଥାଆଏ
ବେଲ୍ ଉଦ୍‌ବା ବୁଡ଼ବା
ପରକୁତି ତାର କାମ କରି ଚାଲିଛେ
ଖାଲି ଫରକ୍ ଏତ୍‌କି ଯେ
ମୁନୁଷ ତାର ଆଏତେ ଥିଲେ ବି
ତାକେ ଆଏତେ ଆନ୍‌ବାର
ବୁରଥା ଚେଷ୍ଟାଥି  ଅଠିପହର
ଘାଁଟି ହେଉଛେ ।

ମୁଇଁ ନାଇଁ ଜାନି
ମୋତେ କିଏ ଇ ସବୁ
ଇଆଡୁ ସିଆଡୁ
ଡାକି ଚାଲିଛେ
ମୋର କାନେ କିଏ ଆଏସି
ଆର ଇ ସବୁ କଥା ଭର୍‌ସି
ମୁଇଁ କାଁକରି ତାର କଥା ଶୁନ୍‌ସିଁ
ତାକେ ହେଜ୍‌ସି ହେଁତାସି
ମତେ କାଏଁଜେ ତାର କଥା ଅଏନ୍ ଲାଗସି
ତାର ପଦେ କଥାଥି
ମୁଇଁ କାଏଁ ଯେ ବାଏବିଛୋ
ହେଇ ଯାଏସିଁ ।

କାଏଁଯେ ତାକେ ମୁଇଁ
ଏତ୍‌କି ଭରସିସିଁ
ତାକେ ଦେଖ୍‌ଲେ ମୁଇଁ
କାଏଁଯେ ବିନ୍‌ସୁରିଆ ହେଇ ଯାଏସିଁ
ଆର ତାକେ ଅନ୍‌ସରି ନର୍‌ଦୁଥିସିଁ
ତାକେ କୁଦଉଥିସିଁ
ଲୋକ ବଝା କହେଲେ କହୁନ୍ ପଛେ
ସାରା ଜୀବନ ତାର ପଛେ ପଛେ
ଧାଉଁଥିସିଁ ।

ଦେଖ ଦେଖ ହେଦେ ସେ ଫେର
ଆଏଲାନ
ମୋର ନ ଚହିଁରେଇ ହେଉଛେ
ମୁଇଁ ଆର କେତେ ନିଜକେ ସଁଭ୍‌ଲାମି
କେତେବେଲ ଦମ୍ ଧରି
ରହି ପାରମି
ମୋର କାନ୍ ମୁଡ଼୍
ଫେର ଘାଏ ଭାଏଁ ଭାଏଁ କଲାନ
କିଏ ଗୁଟେ ସଖାଲୁ ସଖାଲୁ
ଆସି ଫେର୍ ମୋର କାନେ
କାଁ କାଣା ଭରଲାନ
କୁକୁରାର କଁକରେ କଁକ୍ ଥି
ଦେଖ ଫେର୍ ଗୁଟେ
ନୁଆଁ ସଖାଲ୍ ପାହେଲାନ ।

◆

# ମୁନୁଷ୍‌ପନ୍

ମୁଇଁ ଆଏଜ ଫେର୍ ଘାଏ ହେଲି ଉସିନ୍ଦ୍ରା
ମୋର ଆଖି ନିଦ୍‌ନାଇଁ
ହେଥିର୍‌ଲାଗି କାଣା ରୁଷିଆ ଆଏ ଦାୟୀ
କାଏଁଯେ ବଝା ଅମ୍‌ରେଇଛେ ପୁଟିନ୍‌କେ
ହଲାଖେତ୍ କରି ଦେଲାନ
ଇଉକ୍ରେନ୍‌କେ
ରୁଷିଆର ମିସାଇଲ୍ ଚୁଟେ
ହଜାର ହଜାର ଲୋକ ହେଲେନ ଧରାଶାଇ ।

ଏଡ଼େ ବହଙ୍ଗର ହେଇଛେ ପୁଟିନ୍
ପୁରା ସଂସାରକେ ଦେଖେଇ ଦେଲାନ
ଲାଲ୍‌ଟିନ୍
ଆଙ୍ଗ୍‌ଠି ଉଠେଇ କରି
ମାରୁଛେ ଫୁଟାନି

ମୋର ଧନ୍ଦାଥି କିହେ ନାଇଁ ପଡ଼
ଯେ ଆସବ ପାଖ୍‌କେ ଏନ୍‌ତା ପାଠ
ପଢ଼ାମି ଯେ ତରା ହେଉଥିବ ଗନି
ହେ ନ ଏକା ହେଇଛେ ମରଦ
ଯେନ୍ତା ରାବନ୍ ଲେଖେ ଗଢୁଛେ
ସରଗ୍‌କେ ନିସାନି ।

ଯେ ଯେନ୍‌ତା ଜୀବନ ବିକ୍‌ଲେ
ଯାଉଛନ୍ ଦେଶ ଛାଡ଼ି
ଦଉଡ଼ି ଦଉଡ଼ି
ଯେନ୍‌ଆଡ଼େ ଦେଖ୍‌ବ
ଡର୍ ଭଏ ନ ଶୁଭୁଛେ
ଲୋକ୍‌ବାକ୍ ଛୁଆପିଲାକର ରଡ଼ି
ବମ୍ ଫୁଟୁଛେ
ଯେନ୍ତା ଅଷାଢ଼ ମାସର ବିଜ୍‌ଲୀ ଘଡ଼ଘଡ଼ି
କୁକୁର ମାକର୍ ଚରେ ଚିରଗୁନ୍
କଥା କିଏ ପଚାରେ
ଯେନ ଘର୍ ଦୁଆର୍
ଝାର୍ ଜଙ୍ଗଲ୍ ସବ୍ ଯାଉଛେ ପୁଡ଼ି ।

କେଜାନେ କାଏଁଯେ ଏତ୍‌କି ଅସହନି
ହେଏଛେ ପୁଟିନ୍‌କେ
ଇଟା କାଏଁଥିର ରୁବାବ୍
ଆମେରିକା ଇଉରୋପ୍ ଏସିଆ
ସବ୍ ଖୁଜୁଛନ୍ ଇଥିର ଜବାବ୍

ଭିତ୍‌ରେ ଭିତ୍‌ରେ ସବ୍ କୁହୁଁରୁଛନ୍
ଉଡ଼ି ଯାଉଛେ ହଂସ
ମଉକା ପାଏଲେ କରିଦେବେ
ରୁଷିଆକେ ବି ଧ୍ୱଂସ
ନାଟୋ ବି ଦେଖୁଛେ ସବୁ ନାଟ୍
ସବୁ ଦେଶ୍ ମିଶିଗଲେ
ପୁଟିନ ବି ନାଇଁପାଏ
ପଲାବାର ବାଟ୍ ।

ଆର ନାଇଁ ସହିହେବାର ଗା ପିଲେ
ନାଇଁ ଦେଖି ହେବାର ଲୁକର ଗୁଲ୍‌ଗୁଲା
ଶାନ୍ତିର କାଣା କିଛି ବାଟ୍ ନାଇଁଥାଇ
ଯେ ଶେଷକେ ହତିଆର ଏକା
ଧର୍‌ବାର୍‌କେ ପଡ଼ଲା ।

ଇହାଦେ ବି ନୁହେ ହୁଏ ବେଶୀ ଡେରି
ଆସ ସବ୍ ମିଲିମିଶି ପୁଟିନ୍‌ର ମୁଡ଼େ
ଶାନ୍ତି ଆର୍ ସମାଧାନର୍ ବାର୍‌ତା ଦେମା ଭରି
ଇ ଦୁନିଆଁ ଆମର ସମ୍‌କର ଆଏ
ସମକୁ ଶାନ୍ତି ନ ବଅଁଚିବାର ଅଧିକାର ଅଛେ
ସବ ଯଦି ଏକ୍‌ସୁରିଆ ଗୁଟେ କଥାକେ ରେଁକ୍‌ମା
ପୁଟିନ୍‌ର କାଏଁ ଛେଁକବାର ଦମ୍ ଅଛେ ।

ବିପଦ ବେଲେ ସଭେ ସମ୍‌କର
ପାଖେ ଠିଆହେମା

ସାହା ହେମା ଆର ସାହେଜ କର୍‌ମା
ଆସ ଆଏଜ ସବ୍ ମିଶିକରି
ଆମର ମୁନୁଷ୍‌ପନ୍ ଦେଖାମା
ସବ ମିଶିକରି ପୁଟିନ୍ ଆର
ଜେଲେନ୍‌ସ୍କି ଦୁହିକୁ ବୁଝାମା
ଆର ଇ ଘନ୍‌ଘଟା ଯୁଦ୍ଧର ବିଭୀଷିକାନୁ
ସଂସାରକେ ବଅଁଚାମା ।

ପୁର୍‌ଥିବୀ ଧ୍ୱଂସ ହେବାର୍ ଆଗରୁ
ଆସୁନ କିଛି ଗୁଟେ କର୍‌ମା
ଆସୁନ ଆଏଜ୍ ଫେର୍‌ଘାଏ
ସେ ଶାନ୍ତିର ମନ୍‌ତର କେ ଜପ୍‌ମା
'ଓମ୍ ସର୍ବେ ଭବନ୍ତୁ ସୁଖିନଃ
ସର୍ବେସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କସ୍‌ଚିଦ୍ ଦୁଖବାଦ୍ ଭବେ ।
ଓମ୍ ଶାନ୍ତି ଶାନ୍ତି ଶାନ୍ତି ।'

◆

# ଜୀବନ୍

ଛୁଆଦିନେ କଟି ଯାଉଥିଲା
ଦିନ୍ ହଁସି ଖେଲି
କେଭେ ବି ଇ ବିଷେଥି ନାଇଁ ଭାବି
କାଣା ଆଏ ଜୀବନ୍ ବଲି ।

ଟିକେ ଟିକେ ବଡ଼ହେଲି
ଜେନ୍‌ଟା ଜିଇଁଲି
ହେଟାକେ ଜୀବନ୍ ଭାବ୍‌ଲି
ସାଙ୍ଗହେଲି ଖେଲ୍‌ଲି ବୁଲ୍‌ଲି
ଗୀତ ଗାଏଲି
ନାଚଲି କୁଦ୍‌ଲି
ଭଲ୍‌ପାଏଲି ଫୁଲ୍‌କେ
ପର୍‌ଜାପତିକେ
ରଙ୍ଗ୍‌ରଙ୍ଗିଆ ଆକାଶ୍‌କେ

ଉଦ୍‌ଲିଲି ନଏଦ୍‌ର ବୁହିଲା ପାଏନ୍‌ଥି
ଚରେର୍ ଗୀତେ ମୁଇଁ ପାଏଲି
ମୋର ସବୁ ଗୀତର ଜବାବ୍
ଆମ୍ ଖାଏଲି ଜାମ୍ ଖାଏଲି
ବୁରୋ ଖାଏଲି
ଖାଏଲି ମାୟା
କେ ଜାନେ କିଏ ସେଦିନ
କହେଲା ମୋର କାନେ
ଇଟା କାଣା ଜୀବନ
ଆଏରେ ବଝା ।

ଛନେ ଅଟକିଲି
ଆର ଘଡ଼େ ଆକାଶ୍‌କେ ଦେଖ୍‌ଲି
ଆର ନିଜେ ନିଜ୍‌କେ ଦେଖ୍‌ଲି
ଆର ନିଜେ ନିଜ୍‌କେ ପଚ୍‌ରାଲି
ଫେର ଜୀବନ ବଏଲେ
କାଣା ଆଏ ସିନେ ?

ଛୁଆଦିନେ ଯାହା ବି ପ୍ରଶ୍ନ
ଢୁକୁଥିଲା ମୋର ମୁଡକେ
ପଚ୍‌ରଉଥିଲି ମୋର
ମାଁ ବୁଆକେ ଅଜା ଆଇକେ
ଯାହା କହେଲେ ଧରି ନେଉଥିଲି
ହେଟା ଏକା ସତ ଆଏ ।

ଇହାଦେ ମୁଇଁ ବସିଛେ
ଛିନାଁଛକା ଠାନ୍‌ଟାକେ
ତରାପଟିଆ ଏକ୍‌ଲା
ମୋର ମୁଡ଼େ ଇହାଦେ
କେଥିନିକେତେ ପ୍ରଶ୍ନ
ଗୁଁଦ୍‌ଲେଇ ହେଉଛେ
ହେଲେ ତାର ଜବାବ୍ ଦେବାର୍‌କେ
ଇହାଦେ ମୋର ପାଶେ
ଆର କିହେ ନାଇଁନ
ମୁଇଁ ଇହାଦେ ବି ମୋର
ପ୍ରଶ୍ନ ମାନ୍‌କର ଜବାବ୍ ଖୁଜୁଛେଁ
ସବୁନୁ ବଡ଼ ପ୍ରଶ୍ନହେଲା
ଜୀବନ ବେଲେ କାଣା ?

◆

# ରୁବାବ୍

କାଏଁଥିର ରୁବାବ୍
ଦେଖଉଛୁ ଭାଇ
କେତେଦିନ ଆର ବଅଁଚିବୁ ତୁଇ
ଇନ କିହେ ନୁହେସେ ଅମର
କହେସନ ପରେ ମୁନୁଷ ଜନମ୍ ଆଏ
ପାଏନ୍ ଫଟ୍କା ବାଗିର ଘାଏକର୍
ଆଏଜ୍ ଅଛୁ କାଏଲ୍କେ ନାଇଁ
ହେ କଥାକେ ହେତୁକର୍ ଟିକେ ତୁଇ ।

ତୋର ନ ଟଁକାପଏସା ଅଛେ
ଗାଡ଼ିମଟର ଅଛେ
ଧନ୍‌ସଂପଦ ଅଛେ
ଅଛନ୍ ବି ସାଙ୍ଗ୍ ସୁଖ୍

ଛୁଆପିଲା ମାଏଝି ସାଙ୍ଗେ
ଅଛୁ ତୁଇ ନା ନା ରଙ୍ଗେ
ହେଜି ନାଇଁ ପାରୁଛୁ ଇହାଦେ
ଜୀବନର ଦୁଖ୍ ।

କାଏଥିର ତୋଡ କାଢୁଛୁ
କଥା କଥାକେ କଲର ଟେକୁଛୁ
ହଜେଇ ଦେଲୁନ କାଏଁ ବୁଧି ଗିଆନ୍
ନେହେଲା କଥାଥି ହରମେସା ମାତିଛୁ
ଅସଲ କଥାକେ ନାଇଁ ଦେଉ ତୁଇ ଧିଆନ୍ ।

କାଣା ନେଇକରି ଆସିଛୁ ସଂସାରକେ
କାଣା ନେଇକରି ଯିବୁ ଇନୁ
ଆସିଛୁ ନଙ୍ଗ୍ଲା
ଯିବୁ ତୁଇ ନଙ୍ଗ୍ଲା
ଦୁହି ହାତ କରି ମୁକୁଲା
କିହେ ନାଇଁ ଜାନ୍ ତୋର ସଙ୍ଗେ
ତୁଇ ଯେତେ ହେଲେ ବି ଗୁଲ୍‌ଗୁଲା
ଇନ କାମ୍ ନାଇଁକରେ ତୋର ପାଠ୍‌ଶାଠ୍
କି ତୋର ହେ ପାଠର ଗଣିତ କି ବିଜ୍ଞାନ ।

◆

# ଗୁଁଦ୍‌ଲାଗୁପା

କାଏଁଯେ ଲାଗୁଛେ ଏନ୍‌ତା
ଗୁଁଦ୍‌ଲେଇ ଘାଁଟି
ଯେନ୍‌ତା ମାଛର୍ କଁଟା
ଅଲ୍‌ଝି ଯାଇଛେ ଟଁଟି
ଅ ଅ ଉକାର ଆସୁଛେ
ହୁରୁଦ୍ ଭିତ୍‌ରୁ ଆଜି
ବିଁତି ଉଛାଲ ମେତାଲ୍
ବଝାଜଖା ଲାଗୁଛେ
ଛାତି ଫାଟି ଉଦ୍‌ରି ଯାଉଛେ ।

ବଡ଼ା ଅଜବ ଲାଗୁଛେ ଆଝର୍‌କା
ଟିଖେ ଅଏନ୍ ନାଇଁ ଲାଗବାର୍
ବାଏବିଛୋ ଲାଗୁଛେ
ଯେନ୍ତା କାଣା ଗୁଟେ କେନ
ହଜେଇ ଦେଇଛେଁ

ଘାଁଟି ଗୁଁଦ୍‌ଲେଇ ହଉଛେ ମନ
ବିଷ୍‌ମାଦି ହେଉଛେ
ହେଲେ ଜାନି ନାଇଁହେବାର୍‌
କାଏଁ ଯେ ଏନ୍‌ତା ଲାଗୁଛେ
କେନ୍‌ଗୁଟେ ନିଆଁ ଲାଗିଛେ
ମନର୍‌ ବଖରାଥି
ଜଳୁଛେ ପୁଡୁଛେ
ଜଳେଇ ବି ଦେଉଛେ
ଭିତ୍‌ରେ ଭିତ୍‌ରେ ମୁଇଁ କୁହୁଁରୁଛେ
ହେଲେ ଜାନି ନାଇଁ ହେବାର୍‌
କେନ କାଣା ଜଳୁଛେ ।

କାଣା ଆଏ ଇଟା
କେନ ଜିନିଷ୍‌
ଯାହାକେ ନା ଦେଖି ହେସି
ନା କହି ହେସି
ନା ସହିହେସି
ଯେନ୍‌ଥିର୍‌ ଲାଗି ମୁନୁଷ
ଅଠିପହର କୁହୁଁରୁଥିସି ।

ଇଟାକେ ନାଇଁ ଠିକ୍‌ କରିପାରେ
କେନ୍‌ ବଇଦ କି ଗୁନିଆଁ
ନାଇଁ ଲାଗେ ଡାକ୍‌ତର୍‌ କି ଉଷୋକଷା
ଛୁଛାକେ ଆଁଠେ ଭିଡ଼୍‌ ଭିତ୍‌ରେ
ତୁମେ ହେଉଥିସ ଲୋକ୍‌ହଁସା ।

କିଛି ନାଇଁ ଲହେ ଇଥି
ଫୁକାଝରା
ଫିର୍‌ବି ଇଟା ଚରି ନେଉଥିସି
ତୁମକୁ ସାପର ବିଷାନ୍ ମେତାଲ୍
ଭିତ୍‌ରେ ଭିତ୍‌ରେ ଦିହି ସାରା ।

ସାରା ସଂସାର ଲାଗ୍‌ସି ବିଷପିତା
ତୁମେ ଖୁଜୁଥିସ ଠାନ୍‌ଟେ
ହର୍‌ମେଷା ଉକୁଲାବାର୍‌କେ
ନା ରଖି ପାର୍‌ସ ପେଟ ଭିତ୍‌ରେ
ନା ଉକ୍‌ଲେଇ ପାର୍‌ସ
ନା କହି ପାର୍‌ସ
ଜୀବନ୍‌ସାରା ଗୁଁଦ୍‌ଲେଇ
ହେଉଥିସ
ସାରା ଜୀବନ ତୁମର
କଟି ଯାଏସି ସେ ଗୁଟେ କଥାଥି
ଏନ୍ତା ସନାଘଁଟା ଗୁଁଦ୍‌ଲାଗୁପାଥି ।

◆

# ଉଡ଼ାନ୍

ଅଚାନ୍‌କିଆ ବେଲେ ଉବେଲେ
ମନ୍‌ଟା ଗୁଁଦଲେଇ ଘାଁଟିହେଲେ
କାଣାଗୁଟେ ଛାତିକେ ହଁଦଲେଇ ଦେସି
ବଝାଜଖା ଲେଖେ ଲାଗ୍‌ସି
ସେତେବେଲେ ଜାନ୍‌ବ ବଇଲ ଆଏବା
ଏଛେନ୍ ମନର୍ ସବ୍‌କଥା
ଗୁଟେ ଗୁଟେ କରି ଉକ୍‌ଲାବା ।

ଗଲାବେଲେ ବାଟେଘାଟେ
ଜେନ ପାରି ସେନ
ଘାଏ ଘାଏ ଛିନାଛକା ଦେଖ୍
ଏନ୍‌ତା ଅମ୍‌ରାସି ଯେ
ଘାଏକର୍ ଲାଗି

ମୁଁଇଁ ବିନ୍‌ସୁରିଆ ହେଇଯାଏସିଁ
ଲୋକ୍‌ବାକ୍ ଗାଡ଼ି ମଟର୍
ଠାନ୍ ଅଠାନ୍ ସମିୟା ଅସମିୟା
କିଛି ନାଇଁ ଦିଶେ
ଚାର୍‌ହିକୁତି ଅଁଧାର୍ ଦିଶିଯାଏସି
କିଏ ଜାନେ ସେତେବେଲେ ମୁଇଁ
କେନ ରାଏଜେ ଥିସିଁ
ମୋର୍ ଭିତ୍‌ରେ ଥିସିଁ କି ନାଇଁ ଥାଏଁ
କେନଥିସିଁ କେନ୍‌ଥେଇ ଥିସିଁ
ନିଜର୍ ଭିତ୍‌ରେ ନିଜେ ହଜିଯାଇଥିସିଁ
ଗୁଁଦଲେଇ ଘାଁଟି ହେଉଥିସିଁ
ବାଏବିଛୋ ଲାଗୁଥିସି
ଉବ୍‌ବୁକା ଲାଗୁଥିସି
ଜନା ନାଇଁପଡ଼େ
ଇଟା ସତ୍ ଆଏ କି ସପନ୍‌ଥିସି
କେଜାନେ ସେତେବେଲେ ମୁଇଁ
କେନ୍ କେନ୍ ଆଡ଼େ କିଁନ୍ଦ୍‌ରି ବୁଲୁଥିସିଁ ।

ହେନ୍ତା ବେଲକେ
ଅନ୍ଧାର୍‌କେ ଦୁଇଫାଲ୍ କରି
ଚିରିକରି ତୁଇ ଆଏସୁ
ମୋର୍ ଚାର୍‌ହିକୁତି କିଁଦୁରୁଥିସୁ
ଛମ୍ ଛମ୍ ଚାଲିଥି
ତୋର୍ ଆଏବାର୍ ଶବଦ୍
ବାଆରି ହେଇଯାଏସି

ଚାର୍‌ହିକୁତି ମହ ମହ ମଗ୍‌ମଗେଇ ଯାଏସି
ଅଁଧାର ଭିତ୍‌ରେ ବି ତୋର୍ କହଁର
ମଲ୍ଲୀଫୁଲ ଲେଖେ କହଁରୁଥିସି
ହେନ୍ତା ବେଲା ଘଡ଼ିଟାକେ ମୁଇଁ
ସବୁଦିନ ଟାକିଥିସିଁ
ତୋର୍ ବାଟ୍ ଦେଖୁଥିସିଁ
ତୁଇ ଇହାଦେ ମୋର ବାଟ୍ କଢ଼ାବୁ
ଇ ଅଁଧାରି ଗୁଁଫାନୁ ମୁଇଁ
ବାହାରି ଆଏମି
ଆର୍ ଉକିଆ ଆଡ୍‌କେ
ପାହେ ପାହେ ବଢ଼ାମି ।

ଇହାଦେ ମୋର୍ ଦିହେ ଦେଖ୍
ସିଂ ଟାକର୍ ବଫୁ
ଗୁଟେ ଚିନି ଆଙ୍ଗ୍‌ଠିଥି
ଇହାଦେ ଦେଖ୍
ମୁଇଁ ଟେକି ଧର୍‌ମି ଇ ପୁର୍‌ଥିକେ
ଗୁଟେ ଶବଦ୍‌ଥି ଫୁ କରି
ଫୁକ୍‌ରେଇଁ ଦେମି
ଇ ସଂସାର ଯାକର୍ ଦୁଖ୍‌କେ
ଦେଖ୍ କେନ୍‌ତା ମୋର୍ ଦୁହିଆଡ଼େ
ଇହାଦେ ଲାଗିଯାଇଛେ
ଦୁଇଟା ଡେନା
ମୁଇଁ ଉଡୁଛେ ଟିପି ଆକାଶେ

ସେମେଲ୍ ରୁଆ ମେତାଲ୍
ମୋର୍ ତଲେ ମେଘ୍ ପବନ୍
ନଏଦ୍ ନଲିଆ ସମନ୍ଦର୍
ଗଛଲତା ପାହାଡ଼ ପର୍ବତ୍
ଚରେ ଚିର୍ଗୁନ୍ ଧରତି ପୁର୍ଥି
ମୁଇଁ ହେଇଗଲିନ ବାଟ୍ବନା
ମତେ ଆର୍ ନାଇଁ ଦିଶ୍ବାର୍ କିଛି
ଖାଲି ଆକାଶ ଆର୍ ଆକାଶ
ଚାରିହିକୁତି
ଶୁଇନ୍ ଶୁଇନ୍ ମହାଶୁଇନ୍
ମୁଇଁ ଆହୁରି ଆହୁରି ଖେପି
ଯାଉଛେ ଉପର୍କୁତି
କିଏ ଜାନେ କେନ ଥେବ୍ବା ଯେ
ଇ ଉଡାନ୍ ।

◆

# ଉଦୁର୍‌ମାତ୍

ସବୁବେଲେ ନାଇଁ ଅମରାଏ
କେଭେ କେନ୍‌ତା ଘାଏ ଘାଏ
ଏନ୍‌ତା ଅମରାସି
ଯେତେବେଲେ ଅମରାସି
ଆର ଠଅରି ନାଇଁହଏ
ଧୁର୍‌କୁଟ୍ ମଚେଇ ଦେସି
ଠାନ୍ ଅଠାନ୍
ବେଲ ଉବେଲ କିଛି ନାଇଁଦେଖେ ।

ହେନ୍‌ତା ବେଲାଘଡିକେ
ମୁଇଁ ଟାକି ବସିଥିସିଁ
ମେଘ ଗର୍‌ଜୁଥିସି
ଚଡକ୍ ମାରୁଥିସି
ବିଜଲୀ ଚମ୍‌କୁଥିସି
ଧୁଁକା ମାରୁଥିସି

ତୁଇ ଆଏବୁ ଆଏବୁ ବଲି
କେତେ ଛଇଛଟ୍‌କା ଦେଖଉଥିସୁ
ତୋର ଆଏବାର ବାଟ୍‌କେ
ମୁଇଁ ଟାକି ବସିଥିସିଁ ।

ଯେନ୍‌ତା ମେଘ ଉପରୁ ଗର୍ଜି ଗର୍ଜି
ତୁଇ ଆସୁଛୁ
ଚାରିଆଡେ ହେମ୍ କାକର ପଡି
ଯାଉଛେ
ତୁଇ ଆସୁଛୁ ହଲି ହଲି
ଝୁଲି ଝୁଲି ।

ତୁଇ ମୋର ବର୍ଷାଦିନର
ବୁଂଦେ ପାଏନ ଆଉ
ଶୀତଦିନର ଟୁପେ କାକର
ଚଇତର ମଲୟ ପବନ ଆଉ
ଫଗୁନ ମାସର ପଲସା ଫୁଲ
ମେତାଲ ସୁନ୍ଦର
ଖରାମାସର ମଲ୍ଲୀଫୁଲ ଲେଖେ
ତୋର କହଁର
ତୋର ମେତାଲ ଆର
କିଏ ହେବାଗା ଏଡ଼େ ସୁନ୍ଦର ।

ମୁଇଁ ତତେ ଟାକିଛେଁ ଆ
ମୁଇଁ ଜାନିଛେ

ତୁଇ ମୋର ପିଛା ନାଇଁଛାଡୁ
ମୋତେ ଗୁଁଦ୍‌ଲାବୁ ଘାଁଟ୍‌ବୁ
ଉଦୁରମାତ୍ କର୍‌ବୁ ।

ଆ ! ଶୁଶୁରି ପବନ ହେଇ ଆ
ବଇଁଶୀର ସୁର ହେଇ ଆ
ତୁଇ ଜଲ୍‌ଦି ମୋର ପାଖକେ ଆ
ମୁଇଁ ଟାକିଛେଁ
ତୋର ବାଟ୍ ଦେଖୁଛେଁ
ଉଟୁସ୍‌ପୁଟୁସ୍ ହେଇ ଯାଉଛେଁ ।

ମୋତେ କାଏଁଯେ ଇହାଦେ
ଏନ୍‌ତା ଲାଗୁଛେ
ମୋର ଛାତି ଭିତର
ହଦ୍‌ମଦେଇ ଯାଉଛେ
ମୋର ମୁଡ଼୍ ଦୁଇ ଭାଉଁର
କିଁଦରି ଯାଉଛେ
ମୁଇଁ ଗୁଁଦ୍‌ଲେଇ ଘାଁଟି
ହେଇ ଯାଉଛେଁ
ଯେନ୍‌ତା କାଣାଗୁଟେ ମୋତେ
ମାଡ଼ି ବସିଛେ
ମୁଇଁ ବଝାଜଖା ହେଇ ଯାଉଛେଁ
ତାର କବ୍‌ଜାନୁ ମୁକୁଲି
ନାଇଁ ପାରବାର
ମୋତେ ଧର

ମୋତେ ସଁଭାଲ
ହେଦେ ଦେଖ ସେ ଆସୁଛେ
ମୋର ଦିହିମୁଡ଼
ଗୋଡ଼ହାତ୍ ଶିର୍‌ଶିରେଇ ଯାଉଛେ
ମୁଇଁ ଆର ମୋର ଭିତରେ ନାଇଁନ
କେନ ହଜି ଯାଉଛେଁ
ବିନ୍‌ସୁରିଆ ହେଇ ଯାଉଛେଁ ।

ଏନ୍‌ତା କେଭେ କେନ୍‌ତା ଅମରାସି
ଏନ୍ତା ବେଲା ଘଡ଼ିକେ
ମୁଇଁ ଟାକି ବସିଥିସିଁ ।

ହେଦେ ଦେଖ
ଫେରଘାଏ କେନ୍‌ତା
ମୋତେ ଅମରଲାନା
ଫେର୍‌ଘାଏ ସେ ଆଏଲାନ ।

◆

# ସାରା ଜୀବନ୍ ତୋର୍ ଲାଗି

କାଣା ନାଇଁକରି ମୁଇଁ
ତୋର ଲାଗି
ଘାଏ ଘାଏ ଭାବସିଁ
ତୋର ଲାଗି ମୁଇଁ
ଜୀବନ୍ ଭି ଦେଇ ଦେତିଁ ।

ସବୁବେଲେ ତୋର
ଚିନ୍ତା ନ ମୁଇଁ ଘାରି ହେଉଥିସିଁ
ତୋର ଲାଗି ଜିଇଁସି
ତୋର ଲାଗି ମରସିଁ
ତୋର ଲାଗି ସାନିଘାଁଟି ହେଉଥିସିଁ ।

ତୁଇ କିଁଦୁରୁଥିସୁ
ମୋର ଚାର୍‌ହିକୁତି
ଖେଲୁଥିସିଁ
ତୋର ସାଁଗେ ମୁଇଁ
ଲୁକ୍‌ଲୁକାନି

ଆଖି ନ ପଟିଟେ ବାଁଧି
ତୁଇ ମତେ କହୁଥିସୁ
ମୋତେ ଖୁଜ ନୁର ଧର ଧର
ମୁଇଁ ବି ଧାଉଁଥିସିଁ
ତୋର ପଛେ ପଛେ
ଶୁନି ଶୁନି ତୋର ସୁର
ମୁଇଁ ପାଖ୍‌କେ ପାଖ୍‌କେ ଗଲେ
ତୁଇ ପଲଉଥିସୁ
ଦୁର୍‌କେ ଦୁର୍‌କେ
ଏନ୍‌ତା ଚାଲିଥିସି
ତୋର ମୋର ଖୁଜାନୁରା ର ଖେଲ
ଜାନି ନାଇଁପାରେ କେତେବେଲେ
ବୁଡି ଯାଏସି ବେଲ ।

ତତେ ଏନ୍‌ତା ଖୁଜୁଥିମି
ସାରା ଜୀବନ
ତୁଇ ଧରା ଦେ ଭାଏଲ ନାଇଁ ଦେ
ଭଲେ ଯାଉପଛେ ମୋର ଇ ଜୀବନ୍
କେଭେ ନାଇଁ ତୁଟୁ ଇ ବଂଧନ୍
ତୁଇ ମୋତେ ଛୁଁ କି ନାଇଁ ଛୁଁ
ମୁଇଁ ତତେ ଧରିପାରେ କି
ନାଇଁପାରେ
ହେଲେ ମୁଇଁ କେଭେ ବି ହିଆ ନାଇଁହାରେଁ ।

ଚାଲିଥାଉ ଏନ୍‌ତା ଖୁଜାନୁରା
ତୋର ମୋର ଠରାନରା
ଛୁଛାକେ କାଏଁ ମନ୍‌ଧରା
ନାଇଁ କର ମନ ଉନା
ତୋର ଲାଗି ମୋର ବୁଧି
ହେଇଗଲାନ ବନା
ଜିଇଁଥିବାର ଯାଏକ୍
ନାଇଁ ଛାଡିପାରେ
ଧାଉଁଥିମି ତୋର
ପଛେ ପଛେ
ଇଟା ତୋତେ ବି ତ
ଭଲକରି ଜନା ।

◆

# ତୋର୍ ବିନା ଇ ମାଘେ

ମାଘ ମାସର ଜାଡ଼
ଥରେଇ ଦେଉଛେ ହାଡ଼ ।

ଏନ୍ତା ଜାଡେ ନନୀ ତୁଇ
ନାଇଁନ ମୋର ପାଶେ
ଦିନ ରାଏତ
ମୁଇଁ ନୁରୁଛେଁ ତୋତେ
ମୋର ନିଜର ଚାରହିପାଶେ ।

ଖୁଜୁଛେଁ ଜୀବନ ଆତ୍‌ରୁଶେ
ଦଉଡୁଛେଁ
ଝାର ଜଙ୍ଗଲ ଡ଼ଙ୍ଗର ପତରା
ନଏଦ ନଲିଆ
ଖେପିଯାଉଛେଁ ଚାରହିକୁତି
ଖୁଜୁଛେଁ ନିଲି ନିଲି ଆକାଶ ଥି
ଚରେର ଡେନାଥି
ଆକାଶ ର ଜନ୍ ଥି
ନଦୀର ଝଲ୍‌ମଲ୍ ପାଏନ୍ ଥି
ଗଛର ଡାଲେ
ଝାରେ ଜଙ୍ଗଲେ
ସବୁଫାଲେ
ଜୀବନ ବିକଲେ ।

ହେଲେ ତୁଇ କେନ ଅଛୁ ଯେ
ଶୁନି ନାଇଁ ପାରୁଛୁ ମୋର ଡାକ୍
ତୋର ବିନା ଦେଖ୍ ଜୀବନ୍ ମୋର
ଉଟୁସ୍‌ପୁଟୁସ ଇପାଖ୍ ସେପାଖ୍ ।

ଦେଖ ଏଛେନ କା
ମାଘ ଯିବା
ଫଗୁନ୍ ଆଏବା
ଫଗୁନ୍ ଭିତ୍‌ରେ ନିଶ୍ଚେ ଆଏମି
ଛନେହେଲେ ତୁମକୁ ଡୁଁଗି ଦେଖମି ବଲି
ତୁଇ ଟିଆ ଦେଇଥିଲୁ କେତେ
ହେଲେ ଏଛେନ୍ ତକ୍ ଘାଏକର ଲାଗି ଭିଲ
ହିରକି ନାଇଁ ଦେଖଲୁ ମତେ
ତତେ ଖୁଜି ଖୁଜି ଝୁରି ଝୁରି ମୁଇଁ
ମରିଯିମି ସଥେ ।

ଆର କେତେଦିନ ଏନ୍‌ତା ଗା ନୁନୀ
ତୋର ବିନା ହେଉଥିମି ଘାଁଟିସାନି
ଆର ମୁଇଁ ଟାକିଥିମି ତତେ
ଘଡେଛନେ ହେଲେ ତ ଦେଖାଦେ ମତେ
ଆର ନାଇଁ ଟାକିପାରେ ମୁଇଁ ତତେ
ତୋର ବିନୁ ଧନ ଦେଖବୁ କେଭେ ଦିନେ
ଇ ମୋର ଜୀବନ ହାରିଦେମି ସଥେ ।

◆

# ଭିନ୍ ରାସ୍ତା

ସଭେ ଯେନ୍‌କେ ଯାଉଛନ୍
ଆର ତମେ ବି ଯଦି ହେନ୍‌କେ ଯାଉଛ ତ
ତମେ କାଣା ନୁଆଁ କାମ୍ କରୁଛ
ସଭେ ଯେନ୍ କାମ୍ କରୁଛନ୍
ତୁମେ ବି ଯଦି ହେ କାମ୍ କରୁଛ ତ
ତୁମେ କାଏଁ ନୁଆଁ କାମ୍ କରୁଛ ।

ସଭେ ଯେନ୍‌ତା ବଅଁଚିଛନ୍
ଖାଉଛନ୍ ପିଉଛନ୍
ପିଁଧୁଛନ୍ ଉଡୁଛନ୍
କହୁଛନ୍ ବୁଲୁଛନ୍
ତୁମେ ବି ଯଦି ହେଟା କରୁଛ ତ
ତୁମେ କାଏଁ ନୁଆଁ କାମ କରୁଛ ।

ଯଦି ତୁମର ରାସ୍ତା ଭିନେ ନୁହେସେ
ତ ତୁମେ ଭିଲ ଭିନେଲୋକ ନୁହ
ଯଦି ତୁମେ ଭିନେଲୋକ ନୁହେସେ
ଫେର ଭିନେ କାମ କେନ୍ତେଇ
କରିପାରବ କହ ।

ସବୁଦିନ ତ ତୁମେ ହେ
ଗୁଟେ ଧରସା ନ ଯିବାର ଲୋକ୍
ଏକ୍ସୁରିଆ ଏକା ଯାଉଛ
ତୁମର ନୁ ମୁରୁଖ୍ ଆର କିଏ ଅଛେ
ହେଲେ ତହବିଲ ନିଜକେ
ସବୁବେଲେ ଜହ ଚାଲାକ୍ ଭାବୁଛ
ତୁମେ ଭାବି ଦେଖ ଦୁସରା ଲୁକର ନୁ
ତୁମେ କାଣା ଅଏତକାଟା ଜାନିଛ ।

ନିଜ୍‌କେ ଜହ ଜାନ୍‌ବାର ଭାବୁଛ
ହେଲେ ତୁମେ ତ ଏବତକ୍
ନିଜେ ନିଜ୍‌କେ ନୁହେ ଚିନ୍‌ହବାର
ଆର ବାକିଲୁକର କଥା କାଣା କହୁଛ ।

ଦିନାଦୁ ଟାକ
ଖୁଜ ନୁର
ଆରଘାଏ ଭାବ
ଭାବିଦେଖ
ନିଜକେ ନିଜେ ଚିନ୍‌ହି ଦେଖ

ଫେର ଜାନ୍‌ବ ତୁମେ କାଣା ଅ ଯେ
ତାର ପରେ ଯାଇ କହେବ ଭଲମଁନ୍ଦ
କାଣା ଆଏ ଯେ
ଇହାଦେ ତୁମେ ଖାଲି
ଗୁଁନ୍‌ଲେଇ ହେଉଛ
କିଛି କହେବାର ଲାଏକ୍ ନୁହେ ବନ
କିଛି ବନ ଫେର କହେବ ଯେ
ଲୋକ ଶୁନ୍‌ବେ
ଇହାଦେ ଶୁନ୍‌ଲେ ବି ଇ କାନେ ଶୁନି
ଆର କାନେ ବହରେଇ ଦେବେ ।

ଥେବ ଦିନାଦୁ
ଦମ୍‌ଧର
ତୁମର ସମଆ ନୁହେ ଆସେ
ଇହାଦେ ତୁମେ ସୁନା ଧରିଥିଲେ ବି
ଲୋକ ପିତଲ କହେବେ
ହୀରା ଧରିଥିଲେ ଚକ୍‌ଚକିଆ ପଥର
ଆଏ ବଲି କହେବେ
ଦିନ୍ ଆସବା ତୁମେ ପିତଲ ଦେଖାଲେ
ଲୋକ ସୁନା କହେବେ
ବୁଝଲତ
ଏତ୍‌କର ତୁମ୍ ପଡ଼
କଲେ କଲେ ରହ
ପାଗଲ କହେବେ ଲୋକ ତୁମକୁ
ବକ୍ ବକ୍ ହେଲେ ଜହ ।

◆

# ଆର୍ କେତେ ବେଲ୍ ଶୁଇବୁ

ଆର କେତେବେଲ ଶୁଇବୁ ପୁତା
ଉଠ୍ !
ଶୁଇଛୁ ଯେ ଶୁଇଛୁ
ଦେଖ୍ କୁକୁରା କେତେବେଲୁ ଡାକ୍‌ଲାନା
ପୁଟୁରୁ ହଲ ବଳଦ ନେଇକରି
ଖେତ୍‌କେ ନଙ୍ଗଲ ଫାଁଦି ଗଲାନ
ଭୁଆସେନ୍ ମାନେ ଗାଧି ବୁଡିକରି
ମାହାପୁରୁ ଗଧେଇ ସାଏଲେନ
ପିଲାମାନେ ବସ୍ତାନି ଲଦିକରି ପିଠି
ଇସ୍କୁଲ ଗଲେନ
ବୁଢ଼ୀ ମା ବାଟ ଦୁଆରେ
ଖର୍‌ସି ଲିପି ସାରଲାନ
ସମାରୁ ଛେଲ ହୁଦେ ଧରି
ଆଁଟକେ ଚରେଇ ଗଲାନ
ଯେ ଯାହାର ଗୁରସ ଦୁହିଁସାରି
ଗାଏ ଦାମୁର ମାନ୍‌କୁ ଢ଼ିଲି ସାଏଲେନ ।

ଆର କେତେବେଲ ତକ୍ ଶୁଇବୁ ପୁତା
ଉଠ୍ !
ବେଲ ଉଜେର ହେଲାନ ।

ଉଠ୍ ଉଠ୍ ବଲି ବନିହାନ୍ ବେଲୁ
ଉଠଉଛେଁ ତତେ
ହେଲେ ତୁଇ ତ ଜବ୍‌ଦିଛୁ
ଶୁଇଛୁ ଯେ ନିଜବଦ୍ ଶୁଇଛୁ
କେଯାନେ କେନ
ମୋର ଡାକ ଶୁନୁଛୁ କି
ଶୁନି ନାଇଁ ପାରୁଛୁ
ନିଲଜେଇ କରି ଶୁଇଛୁ
ସେଆଡ଼େ କେତେ କାମବୁତା ରହି
ଗଲାନ ବାକି
କେତେ ଆଡ଼େ କେତେ ଲୋକ୍
ରହିଛନ୍ ତୋତେ ଟାକି
ଉଠ ପୁତା ଉଠ୍
ଆର ନାଇଁ ଶୁଉନ ଚାଦର୍‌କେ
ଢାପିଘୁଡି ହେଇ
ହେଇ ଜାକିଜୁକି ।

ଆର କେତେବେଲ ଶୁଇବୁ ପୁତା
ଗୀତେ ପରେ କହିଛେ ମନବୋଧ ଚଉତିଶା
"ଖଟ ପଲଙ୍କେ ମନ ସେଯାଇ ଶୋଉ
ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁ"ବଲି

ଗୀତ୍‌କେ ଟିକେ ହେତୁ କର ପୁତା
ହେତୁକର
ଆର ଉଠ୍ ଉଠିପଡ ତୁରତି
ଯେ ଲାଗ୍‌ବା ତତେ ଟିକେ ଫୁରତି ।

ବେଲ ମୁଡ଼େ ଉପର ହେଲାନ
ଆର ନିଲଜେଇ ନାଇଁ ଶୁଉନ
ସେଆଡ଼େ ତୋର କେତେ କାମ କବାର
ରହି ଗଲାନ
ଶୁଇ ରହେଲେ କାଏଁ ହେବା
ଉଠ୍ !
ଉଠ୍ ପୁତା ଉଠ୍
ବେଲ ରଦ୍‌ବଦଲାନ
ଠାଡ଼ ମଏଧାନ ହେଲାନ
ତତେ ଲୋକ କାଁ ବଲବେ
ଆର ଅଲସ୍ ନେଇ ହଅ
ଆର କେତେ ଶୁଇବୁ
ଖୁଟ୍‌ଲୁ ମୁଟୁଲୁ ହେଇ
ଉଠିପଡ ଉଠ୍ ଉଠ୍
"ଉଠ ଉଠ ମଠ ନ କର ଆଉ"
ଚାର୍‌ହିଆଡେ ଚଲ୍‌ପର୍‌ଚଲ ହେଲେନ ଲୋକ୍
ଲାଗିଗଲାନ ଦୁନିଆଁ ର ହାଉ ଯାଉ
ଡେରୀ ନାଇଁ କର ନ ଆଉ
ଉଠ୍ ଉଠ୍ ଉଠ୍ ପୁତା ଉଠ ।

◆

# ସମିଆ

ସବୁନୁ ଜେନ୍‌ଟା ଜୋର୍‌ନୁ
ଦଉଡୁଛେ ସେଟା ହେଲା ସମିଆ
ନାଁ ତାର ସଁଗେ କିଏ
ଦଉଡି ପାର୍‌ବା
ନାଁ କିଏ ତାକେ ଦଉଡିକରି
ପୁହିଁଚେଇ ପାରବା
ବେଲ ଦଉଡୁଛେ
ତାର ପଛେ ପଛେ ପୁରଥିବି
ତାର ସଁଗେ ତୁମେ
ଇ ଦଉଡା ଦଉଡ଼ି ଥି
ସରିଯିବା ତୁମର ଅଧା ଜୀବନ
ଜନମ୍ ନୁ ମରନ୍ ତକ୍
ଖାଲି ଦଉଡା ଦଉଡି
ମୁନୁଷ ର ଗାଏ
ଦଏବ ର ଦଉଡି ।

ମୁନୁଷ କେତେ ସିଆନ ହେଲାନ
ଆଏଜ କା ଜନ୍ ଯାଏକ୍ ମହାକାଶ ଜାନ୍ ଗଲାନ
ତଲୁ ଥାଇକରି ମୁନୁଷ ଉପରକେ
ଆଏତ୍ କରୁଛେ
ଘାଏ ଘାଏ ମୁନୁଷ ସମିଆ ନୁ
ଆଗ୍‌କେ ଦଉଡିବାର କେ ଆଶ ବାନ୍ଧିଛେ ।

ହେଲେ ସମିଆ କେନ କାହାକେ
ଧରାଛୁଆଁ ଦେଉଛେ
ଲୁକ୍ ଲୁକ୍ ବଏଲେ ଟିଁଗାଲି ମୁନୁଷ
ପିଡ୍‌ଡା ଉପ୍‌ରେ ଠିଆ ହେଉଛେ
ଉଲିଆ ତଲେ ଆସ୍‌ରା ନେବାର ମୁନୁଷ ବି
ବାମନ୍ ମେତାଲ
ଜନ୍ କେ ଧର୍‌ବାର୍‌କେ ହାତ ବଢ଼ଉଛେ ।

◆

# ଜୀବନ୍ ଜନ୍‌ଜାଲ୍

ସଖାଲ ହେଲେ କେନ୍ତା କରି ବଅଁଚିମୁଁ
କମାମୁଁ କୁଠାମୁଁ
ଜିଇଁମୁ ଖାଏମୁଁ
ହେଟା ଗୁଟେ ବଡେଟେ ଚିନ୍‌ତା
ସଖାଲ ପାହେଲେ କେତେ
ରାଗରୁଷା ମୁହଁଫୁଲା
ମାନ ଅଭିମାନ
ହିଁସା ଅହଁକାର
ହକ୍ ନିଜର ଖାଇ ନିଜର ପିଇ
ମୁନୁଷ ନାଇଁ ପାରୁଛେ ନିଜର ହିସାବେ
ଟିକେ ବି ଜିଇଁ ।

ବେଲ ଉଦୁଛେ ବୁଡୁଛେ
ନଏଦ ନଲିଆ ଯେ ଯାହାର
ବାଟେ ବୁହି ଯାଉଛନ
ଚରେ ତାର ସୁରେ ଗୀତ ଗାଉଛେ
ମେଘ ବାଦଲ ବର୍ଷା ନିଆଁ
ହେଟା ତ ସବୁଦିନିଆଁ
ହେଲେ ଫେର କାଏଁଯେ ହେଉଛୁ
ତୁଇ ଛାନିଆଁ
ଜାନୁଛୁ ତ ଇ ଦୁନିଆଁ
ଆଏ ଦୁଇ ଦୁନିଆଁ ।

ମୁନୁଷ କେନ ଛାଡି ପାରୁଛେ ତାର
ପରକୁତି
ଯେ ଅଛନ୍ ଯାହାର ଭାବେ
କିଏ ପୁଛୁଛେ କାହାକେ
ଇନ କିଏ ଆଏ କାହାର
ହେଲେ ଫିର୍‌ଭି କିହେ କାହାକେ
ନାଇଁ ପାରୁଛନ ସହି
ସମ୍‌କର୍ ଅଁତିପୁଟା
ଯାଉଛେ କୁହି ।

◆

# ଅନ୍‌ମୁନ୍‌ସିଆ

କବିତା ମୁଇଁ ସେତେବେଲେ ଲେଖସିଁ
ଯେତେବେଲେ
କାଣା ଗୁଟେ ମୋର ଛାତି ନ ହଁଦଲେଇ ହେସି
ମୋର ଭିତରେ କାଣା ଗୁଟେ ଗୁଁଦଲେଇ ଘାଁଟିହେସି
ଆର ମୁଇଁ ଠଅରି ନାଇଁପାରେ ।

କହେସନ୍ ପରେ କବିତା
ଦୁଖର ସାଥି ଆଏ
ସୁଖେ କେନ କେଭେ କବିତା ବାହାରସି ।

ଯେ ଦୁଖ ପାଏସି
ସେ ଏକା ଜାନସି ଦୁଖଟା କାଣା
ଆର୍ ଦରଦ୍‌ଟା କାଣା ଆଏଯେ
ହେଲେ ସବୁ ଦୁଖି ଲୋକ୍ କାଣା
କବିତା ଲେଖି ପାରସନ୍
ସବୁ ଦୁଖି ଲୋକ କାଣା କବି ହେଇ
ପାରସନ୍
ହେଲେ ସଭେ କେହନି ନାଁ
କେହନି ହିସାବେ
ଦୁଖ୍‌ନୁଁ ମୁକୁଲିବାର କେ
ଚେଷ୍ଟା ତ କରୁଥିସନ
ସଭେ କେହନି ନାଁ କେହେନି

ଦୁଖ୍‌ଥି ଅଠିପହର
ଘାଁଟି ହେଉଥିସେନ ।

କବିଟେ କବିତା ଲେଖିସି
ଉଶାସ ହେବାର୍‌କେ
ହେଲେ ସଥେ କାଣା ସେ
ଉଶାସ୍ ହେଇ ପାର୍‌ସି
ଛନ୍‌କେ ଫେର ଗୁଟେ
ଦୁଃଖର ଡ଼ଙ୍ଗାଥି ସେ
ପାଦ ଦେଇ ଦେସି
ତାର ଛାତି ନ ଦୁଖ
ପଥରଟେ ଲେଖେ ହର୍‌ମେସା
ଲଦି ହେଇଥିସି ।

ଜୀବନଟା ମାହା ବିଷମ୍ ଆଏ
କାହାର ଲାଗି ଦୁଖ୍
କାହାର ଲାଗି ସୁଖ୍
ହେଲେ ହର୍‌ମେସା ନୁହେ
କିହେ ଭିଲ ନାଇଁ ଜାନି
ଇଥିର ଆଏ ଉପେ
କେହେନି ପୁଥି ପାଁଜିନ ଲିଖା ବି ତ
ନାଇଁହେଇ ।

ଗଲା ରାତି ମୁଇଁ ନାଇଁ ଶୁଇ
ମୋତେ ସାରା ରାଏତ ଝୁମୁରା ନାଇଁ
ରାଏତ୍‌ଟା ଯାକ ଗଲା ଭାବି ଭାବି

କଡ଼ ଲେଁହେଟେଇ ଲେଁହେଟେଇ
ଯେ ଚେତିଛେ ରାଏତ ସାରା
ସେ ସିନା କହି ପାରବା
କେନ୍‌ତା ଦିଶସି ଯେ ସେ କଲା ଅଁଧାର ରାଏତ
ଘୁମରି ଘୁମରି ଶୁଇଥିବାର ଲୋକ
କାଣା ଜାନବା ଉସିନ୍‌ଦ୍ରା ରହିଥିବାର ସେ
ଲୁକର କଲ୍‌ବଲ୍‌ର କଥା
ଯେ ଭୁଗସି ସେ ସିନେ ଜାନ୍‌ସି ।

ରାଏତ୍‌ସାରା ପେଚା ଗୁଟେ ଗୁଗେଇଛେ
କୁକୁର୍ ଗୁଟେ ରଡ଼ି ରଡ଼ି କାଁଦିଛେ
ଆକାଶର ଆଏଁଖ ନୁ ବି ଥପ୍ ଥପ୍
ବୁନ୍‌ଦା ବୁନ୍‌ଦା  ଲହ ଥିପିଛେ
ଗଛମାନେ ଟାଁକର ଟାଁକର ହେଉଥିଲେ
ଫୁସୁର୍‌ଟୁପୁର୍
ତରା ମାନ୍‌କର ମିଟ୍ ମିଟ୍ ଥି ବି
ବାରି ହେଉଥିଲା ଛାତି ତଲର ଦରଜ
ଚରେମାନେ ଘାଏ ଘାଏ
ଡେନା ଝାରି ଦେଉଥିଲେ
ଘାଁସ ଉପ୍‌ରେ ପଡ଼ିଥିବା କାକର ନ
ଖିଜେଇ ହେଉଥିଲା ଅଧ୍‌ରତିଆ ଜନ୍
ପତର୍‌ଟେ ପଡ଼୍‌ଲେ ବି ଲାଗୁଥିଲା
ପଥର୍‌ଟେ ପଡୁଛେ
ଯେ ଚେତିଛେ ରାଏତ୍‌ସାରା
ସେ ସିନା ଜାନବା

ଇ ରାଏତ୍ କେତେ ନିଜବଦ୍ ଆଏ ଯେ
କେତେ ଏକ୍‌ଲାପନ୍‌ଥିସି
ସେ ଅଁଧାର ଥି
କେତେ ଡର ଡର୍‌ନିଆ ଆଏ
ସେ ଅଁଧାର ।

ଉଜଲ ନ ଥିବାର ଲୋକ୍
ସୁଖ୍‌ଭୋଗ କରୁଥିବାର ଲୋକ୍
କାଣା ଜାନବା ଦୁଃଖଟା
କାଣା ଆର ଅଁଧାର ଟା
କେତେ କଷ୍ଟ ଦେସି
କେତେ କାଏଢ଼ ଆଏ ଇ
ଏକ୍‌ଲାପନ୍
ହେତିର ଲାଗି ଲୋକଟେ
ଦୁଖ ଗୁହାର୍‌ମି ବଲି
ଉଶାସ ହେମି ବଲି
ସାରାରାଏତ୍ କାଗଜ ଆର କଲମ ଧରି
ଝରକା ପାଖେ ବସିଥିସି
ସେ ବି ତୁମର ଆମର ମେତାଲ
ଝନେ ଆଏ ଯେ ତୁମର ଆମର
ବାଗିର ସମିୟାକେ ବେଖାତିର କରି
ନିଲଜ୍ ଜୀବନଟେ ବଁଚୁଥିସି
ହେଲେ କିଏ ତାକେ କବି କହେସି ତ
କିଏ ତାକେ କହେସି ଅନ୍‌ମୁନ୍‌ସିଆ ।

◆

# କିଏ ଗୁଟେ ଡ଼ାକୁଛେ

ସେମାନେ କେନ୍‌କେ ଗଲେ
ମୋର ବୁଆ ମା ଅଜା ଆଇ
ଭାଏ ବୁହେନ୍
ଯେନ୍‌ମାନେ କାଏଲ ମୋର ସାଁଗେ ଥିଲେ
ହଁସୁଥିଲେ ଖେଲୁଥିଲେ
ମୋର ସୁଖେଦୁଖେ ସାଁଗ ହେଇଥିଲେ
ହେଦେ ତ କାଏଲ ମେତାଲ ଲାଗୁଛେ
ମୋର ମା ସୁଆଁଲୁଥିଲା ମୋର ମୁଡକେ
ଆର ପୁଓ ଜିଉଁତିଆ ଦିନ ଦେଉଥିଲା
ମୋର କପାଲେ ଚୁମା
ଦୁବ ଶଏ ମଖେଇ ସାରି
ମୁହେଁ ଦେଉଥିଲା ସୁଆଁଲି ପିଠାଟେ ଭରି ।

ସଥେ କାଣା ହେନ୍‌ତା ଜାଗାଟେ ଥିସି
ଯେନ୍‌କେ ଦିନେ ସଭେ ଯାଏସନ୍
ଫେରଘାଏ ସେନ ଭେଟ୍‌ଘାଟ୍ ହେସନ୍
ହେନ୍‌ତା ଜାଗାଟେ ସଥେ କେନ ଅଛେ ।

କିଏ ଯାଏସି ସରଗ
କିଏ ଭୁଗସି ନରକ୍
ସବ କରମ୍ ଅନ୍‌ସାରେ ଫଲଥିସି
ଯାହାର କରମେ ଜେନ୍‌ଟା ଲେଖାଅଛେ
ସେଟାକେ ସେ ପରେ ଭୁଗ୍‌ସି ।

ପାପ୍ ଆର ପୁଇନ୍ ର ହିସାବ
ଗୁଟେ ଖାତା ନ ଚିତ୍ରଗୁପ୍ତ ଦିନ୍‌ରାଏତ
ତାର ପାଞ୍ଜି ନ ପରେ ଲେଖୁଥିସି
କେ ଜାନେ ହେତ୍‌କି ଉଦ୍ଧାର ତାର କେନଥିସି ।

ହେଦେ ଫେର ଗୁଟେ କିଟ୍‌ମିଟ୍
କଲା ଅନ୍ଧାର ରାଏତ୍ ମାଡ଼ି ଆଏଲାନ
ଷଁଢଟେ ମୋତେ କୁଦଉଛେ
ଅଚାବୁହା କରି ଦେଉଛେ
ତାର ଚୋକ୍ ଚୋକ୍ ସିଂ କେ ମୋର ଆଡ୍‌କେ
ଦେଖେଇ ହୁଁକ୍‌ରଉଛେ
ମୁଇଁ ନର୍‌ଦୁଛେଁ ଏକ୍‌ସୁରିଆ
ଆଏଁଖ କାନ ମୁଜିକରି
ନଏଦ ନଲିଆ ଗଛ ଖୁଁଟ୍
ଖାଲଢିପ କିଛି ନାଇଁ ଦେଖିକରି
ରାତିର ଅଁଧାରେ ସବ୍‌କେ ପଛକରି ।

ମୁଇଁ ଜାନିଛେ ଇ ଡର ମୋତେ
ନେବା ସେ ଜାଗାକେ

ଯେନ୍‌କେ ଯିବାର୍‌କେ ମୁଇଁ
ଅଠିପହର ତରସୁଥିସିଁ
ହର୍‌ମେସା ବାଟ ଦେଖୁଥିସିଁ ।

ହେ ଦେଖ ଆର ଘାଏକେ ମୁଇଁ
ରସି ଗୁଟେଥି ଛଁଦ୍‌ଲେଇ ହେମି
ଆର ଗୁର୍‌ମୁସେଇ ହେଇ ହିଟିପଡ଼ମି
ମତେ ଦୁହିଫାଲୁ ଘିଚୁଥିବେ ଦୁଇଜନ୍
ମୁଇଁ ଜାନି ନାଇଁ ପାରୁଥିମି
କେନ୍‌ଟା ମାୟା କେନ୍‌ଟା କାୟା
ଆର ଗୁଁଦଲେଇ ହେଉଥିମି ।

ହେଦେ ତ ପାଖ ହେଇ ଆସ୍‌ଲାନ ସେ ଜାଗା
ବାଟଘାଟ୍ ପଏରଛା ହେଇ ଆସ୍‌ଲାନ
ଅନ୍ଧାର ଭିତରୁ ଟିକେ ଟିକେ
ଉକିଆ ଦିସ୍‌ଲାନ
ମୋର କାନେ ତାର ଡାକ୍ ଫଟିକ୍ ଶୁଭୁଛେ
ହେଦେ ଦେଖ ମୋତେ ସେ ଆରଫାଲୁ ଥାଇ
ଆ ଆ ବଲି କେଡ଼େ ଆଦରେ ଡ଼ାକୁଛେ
ମୋତେ ଆର ନାଇଁ ଅଟକ କିହେ
ମୁଇଁ ତ ଯିବାର୍‌କେ ଗୋଡ଼ଟେକି ବାହାରିଛେଁ ।

◆

# ଆଏତ୍

କେଯାନେ କିଏ କେନ
କେତେବେଲେ ଅଟ୍‌କିଯିବା
ଆମେ ସବ୍ ଜାନିଛୁ
ଜୀବନ୍‌ଟା ଏନ୍‌ତା ଆଏ ବଲି
ଆଏଜ୍ ଅଛେ କାଏଲ୍‌କେ ନାଇଁ
ତହବିଲ ଆମେ କେତେ ଅଚିନ୍‌ତା ଅଛୁଁ
କେତେ ହାଁକ୍‌ନି ମାରୁଛୁଁ
କହିକରି ମୁଇଁ ମୁଇଁ
ମୋର ନୁ ବଲି ଆର କିହେ ନାଇଁ ।

କେତେ ଟିଂଗ୍ ଟିଂଗ୍ ହେଉଥିଲା
ଦେଖତ ହେ ଟେଂଗ୍‌ଟା
କେନ୍‌ତା ଧର୍‌ସା ଉପ୍‌ରେ ପିଚ୍‌କି କରି ପଡ଼ିଛେ
ସକାଲୁ ସକାଲୁ କେନ ମଟରଗାଡି

ତାର ଉପ୍‌ରେ ଯାଇଛେ ଚଢ଼ି
ଡେଗ୍‌ଲା ବେଲେ ରାସ୍‌ତା ର ଇଫାଲୁ ସେ ଫାଲକେ
ମରମି ବଲି ସତେ କାଣା ଜନାଥିଲା ତାକେ
ଚରା ନୁରି ଆଏଲା ବେଲେ ତାର ଜୀବନ ଯାଇଛେ
କେତେବେଲେ କାଣା ହେବା କାହାକେ ଜନା ଅଛେ ।

ତୁମେ କାଣା ଜାନିଛ କାଏଲ୍‌କେ କାଣା ହେବା
ହେଲେ କାଲିର ଲାଗି କେତେ କଥା ତୁମେ
ଭାବି ସାରିଛ
କେନକେ ଯିବ କାଣା କରବ
କାଣା ଖାଏବ କାଣା ପିଇବ
କାହାକେ କାଣା କହେବ
କାଣା ପିଁଧବ କାଣା ଉଢ଼ବ
କାହାର ନ ଗାଲି ହେବ
କାହାର ନ ମିତ ବସବ
ହେଲେ ହେନ୍‌ତା ନାଇଁ ହୁଏ
ଯେନ୍‌ତା ତୁମେ ଭାବ୍‌ବ
ସମିଆ ସେଟାକେ ତାର
ହିସାବେ କରବା
ତୁମେ ଖାଲି ମୁଟ୍ ମୁଟ୍
ଦେଖୁଥିବ ।

ତୁମେ କେନ ଅଛ ଆର
ତୁମର ଆଏତେ
ମୁନୁଷ ର ଗାଏ

ଦଏବ ର ରଶି
ଯେନ୍‌ଆଡେ ଘିଚ୍‌ଲେ
ପରେ ସେଆଡ୍‌କେ ଯାଏସି ।

କାଏଁଜେ ନିଜ୍‌କେ ଏତ୍‌କି
ସିଆନ୍ ଭାବୁଛ
କିଛି ନାଇଁ ଅଟକେ ତୁମର ଲାଗି
ତୁମେ ବି କିଛି ନାଇଁପାର ଅଟ୍‌କେଇ
ହେତିର ଲାଗି ହାତ୍‌କେ ଟେକିଦିଅ
ସବୁକଥାକେ ମୁରଛି ଦିଅ
ଆର ସେ ଯେନ୍ ଆଡକେ ବଲୁଛେ
ସେ ଆଡକେ ଯଅ
ଭଲ ମଁନ୍ଦ ଆର ବିଚାର ନାଇଁକର
ତାର ଲାଗି ଆର ବେଲ କାହିଁ
ଯଅ ଏକ୍‌ସୁରିଆ
ଏକସ୍‌କଟି
ଯେନ୍ ଆଡ୍‌କେ ସେ ତୁମ୍‌କୁ ନେଉଛେ
ତୁମେ ଇହାଦେ ସିନେ ତାର ଆଏତେ ଅଛ
ସେ କେନ ତୁମର ଆଏତେ ଅଛେ
ଯଅ ଇହାଦେ ସେ ତୁମ୍‌କୁ
ଯେନ୍ ଫାଲ୍‌କେ ନେଉଛେ
ଦେଖ !
ସେ ଇହାଦେ ତୁମ୍‌କୁ ବାଟ୍ କଢଉଛେ
ଆର ତୁମେ ତାର ଅନ୍‌ସାରେ ବାଟ୍ ଚାଲୁଛ ।

◆

# ଭଲ୍ ସମିଆ

ଗୁଟେ ଯୁଗ ଗଲା
ଫେର ଗୁଟେ ଯୁଗ ଆଏବା
ଦିନେ ରାମ ଆସିଥିଲେ
ଦିନେ କୃଷ୍ଣ
ଆର ଦିନେ ଆର କିଏ ଆସବା
ଏନ୍‌ତା ଗୁଟେ ଗୁଟେ କରି
ଯୁଗ ବଦ୍‌ଲିତେଲ ଯାଉଥିବା
ତୁମେ ଟାକିଥ ଦେଖବ
ଇ ଯୁଗ ଭିଲ ଦିନେ ବଦ୍‌ଲିଯିବା ।

ଦିନ୍ ଥିଲା
ରାଏତ୍ ହେଲା
ଇତାର ଉତ୍‌ରୁ ଫେର ଦିନ୍ ହେବା
ସକାଲ ହେଲେ ବେଲ ଉଦ୍‌ବା
ରାଏତ୍ ହେଲେ ଜନ୍ ଆସବା
ତାରାମାନେ ଆସବେ
ଫେର ଦିନ୍ ଲେହେଁଟିବା
ଖରାଥିଲା ବର୍ଷାହେଲା
ଶୀତ୍ ଆସ୍‌ଲା ଫଗୁନ୍ ହେଲା
ଫେର ଖରା ହେବା
ସମିଆ ଜାନି ଋତୁ ବଦ୍‌ଲୁଥିବା

କେନ କଥାଟା ରହେସି ଯେ
ଇନ ସବୁଦିନ ରହେବା
ଟାକିଥ ଦିନେ ନା ଦିନେ
ଇ ଋତୁ ବି ବଦଲିବା
ତୁମେ ଦୁଖେ ଅଛ
କାନ୍ଦୁଛ ରଡୁଛ ହୁରଗୁନି ହେଉଛ
ଭାବୁଛ ବାକିମାନେ ସୁଖେ ଅଛନ୍
ତୁମର ଦୁଖେ ହଁସୁଛନ୍
ହେଲେ ଇ ଦୁଖ୍ ବି ଘାଏକର ଲାଗି ଆଏ
ସୁଖର ସମିଆ ବି ଆସବା
ଦୁଖ୍‌ର ବେଲ ଜହ ଲାଗସି
ସୁଖର ଘଡି ଜଲ୍‌ଦି ପଲେଇ ଯାଏସି
ଟାକିଥ ଦମ୍ ଧରି
ଦୁଖ୍ ଅବେଶ୍ ଯିବା
ଆର ସୁଖ ଫେର ଘାଏ
ଲେହେଁଟି ଆସ୍‌ବା ।

ହେଦେ ଦେଖ
ଆକାଶ ଆଡ୍‌କେ
ପୂରୁବ ଦିଗ୍‌କେ
ପଜ୍‌ରା ଫାଟ୍‌ଲା
ଲାଲ ହେଇ ଆସ୍‌ଲା
ଜାନ ଏଥର ତୁମର
ଭଲ ସମିଆ ଆସ୍‌ଲା ।

◆

# ଭକୁଆ

ଜେନ୍‌ଟା ଯେତେବେଲେ
ହେବାର ଥିସି ହେସି
ମୁନୁଷ ବେକାର୍‌ଟାକେ
ସମିଆ ଆସବା ବଲି ଟାକି ବସିଥିସି
ସମିଆ କେଭେ ନାଇଁ ଆସେ
ସମିଆକେ ଆନ୍‌ବାର୍‌କେ ପଡ଼୍‌ସି ।

କରମ କଲେ ତ ଫଲ ମିଲ୍‌ବା
ମଁଜି ଜଗାଲେ ତ ଗଛ ହେବା
ବୁନ୍‌ଲେ ତ ଖେତେ ଧାନ ଉଗବା
ହେଡିର ଲାଗି ପରେ କହେସନ୍‌
ଦେଇଥିଲେ ପାଇ
ଆର ବୁନିଥିଲେ ଦାଇ
କରମ ଜାନି ଏକା ମିଲସି ଫଲ
ବିନା କାମେ ସବ ବିଫଲ
ମିଛେ ତୁଇ ହେଉଛୁ ଘାଁଟିସାନି
ଛୁଛେ ହେଉଛୁ କଲ୍‌ବଲ୍‌ ।

କେନ କଥାକେ ଟାକିଛୁ
ଭକା ଛାଡ଼ନୁ ଦେଖୁଛୁ
ଦେଖ୍ ସବ ଗଲେନ
ଯେ ଯାହାର ବାଟେ ଚାଲି
ତୁଇ ଏକ୍ଲା ଅଟ୍କିଛୁ
ନିଘା କରୁଛୁ ବଲି
କେନ କଥାକେ ଭାଲି
ଗୁଁଦ୍ଲେଇ ହେଉଛୁ
ଦେଖ ଧରିସଁଭ୍ରି କରି
ବାଟ ଚାଲ
ଚାର୍‌ହିଆଡେ ହେଇଛେ ଗୁଁଦାଲ
ଆର କିହେ ନାଇଁନ କେହେନିଆଡ଼େ
ଭକୁଆ ତୋର ମିତାଲ
ଯେନ୍ ନିଜ୍‌କେ ଭାବୁଚୁ ଚାଲାକ ବଲି
ଦେଖ କେନ୍‌ତା ସଁତଲି ହେଉଛୁ ଖାଲି
ଭାଲି ଭାଲି
ଆର କିହେ ନାଇଁନ ତୋର ମେତାଲ ମୁରୁଖ
ଆଏଜ୍‌କାଲି
ଦେଖ ତୋତେ କହିଦେଲି ସବୁକଥା
ମୁହୁଁ ଖୁଲି
ମୋର ନିଜର ଆଉ ବଲି
ମାନଲେ ଭଲ
ନାଇଁ ମାନ୍‌ଲେ ମୋର କାଏଁ ଚାଏର୍‌ନା ଯିବା
ତୁଇ ଚାଲୁଥା ନି ଯେ ହଲି ହଲି ।

# ଝନେକେ ଟାକିଛେଁ

କେ ଜାନେ ସେ କେତେବେଲେ
ଆସ୍‌ବା ଯେ
ଝନେକେ ଟାକିଛେଁ
ବନିହାନ୍ ବେଲ ହେଲାନ
ସେ ଆସମି ଆସମି ହେଉଛେ
ବେଲ ଉଜେର ହେଲାନ
ହେଲେ ତାର ଦେଖାନାଇଁ
କେତେବେଲେ ଆସବା ବଲି
ତାର ବାଟ ମୁଇଁ ଦେଖୁଛେଁ ।

ଟାକ୍‌ବାର୍‌ଟା ବଢେ କାଏଡ଼
ଜିନିଷ୍‌ଟେ ଆଏ
ଯେ ଟାକିଥିସି ସେ ଏକା ଜାନସି
ଟାକି ଟାକି କୁଁଥି କୁହୁରି ଯିବାର୍‌କେ ହେସି
ଆସ୍‌ବାର ଲୋକ ବି ଜାନି ନାଇଁପାରେ
ତାର ଲାଗି ଟାକ୍‌ବାର ଲୋକଟା
କେତେ ଦୁଖ୍‌ ପାଉଥିସି
ସେ ତାର ହିସାବେ ଅଚିଂତା ଆଏସି ଯାଏସି
ଟାକବାର ଲୋକ ଟାକି ଟାକି ଅଥା
ଘାଏ ଘାଏ ତ ଅଦମ ହେଇ ଯାଏସି
ହେଲେ ଆସବାର ଲୋକ କେତେବେଲେ ନାଇଁଆସେ
କେ ଜାନେ କେନ୍‌ଆଡେ ତାର ଧିଆନ୍‌ ଥିସି ।

ଆସ୍‌ବାର ଯିବାର ତ ସଂସାରେ ଲାଗିଛେ
କିଏ କେତେବେଲେ ଆସୁଛେ
କିଏ କେତେବେଲେ ଯାଉଛେ
କିଏ କାହାକେ ଟାକିଛେ
କିଏ କାହାର ବାଟ ଦେଖୁଛେ
ଘାଏ ଭାବିଦେଖତ
ଜୀବନର ଅଧା ସମିୟା ତ
ଟାକ୍‌ବାର୍‌ଥି ଏକା ପଲେଇ ଯାଉଛେ
ହେଲେ ସମିଆ କାଣା କାହାକେ
ଘଡେ ଅଧେ କେଭେ ଟାକିଛେ ?

◆

# ଟେଂଗ୍‌ଟା

ଘଡି କେ ଘଡି
ରଙ୍ଗ ବଦ୍‌ଲଉଥିସି
ଜାଗା ଜାନି
ତାହାକେ କାଏଁ ଆମେ
ନାଇଁ ଚିନ୍‌ହି ।

ଲୁକିଥିସି ଡାଲେ ପତରେ
ଘାଏ ଘାଏ ଫେର କାଁଥି ତରେ
ଢେଲା ଢେଲା ଆଖି ଦେଖୁଥିସି
ଏଁଟରେଇ ଏଁଟରେଇ
ପୋକ ଜୋକଟେ କି ମାଛିଟେ
ମୁହଁପାଖୁ ପଲେଇଗଲେ
ଲାଁ ଲାଁ ଜିଭ ହଲାସି ଆର
ଖପ୍‌କଲା କପଲେଇ ଦେସି ।

ଲେଞ୍ଜୀ ହଲେଇ ହଲେଇ
ଖେଲୁଥିସି ଡାହିପଖ୍‌ରା ଭିତ୍‌ରେ
ଥୁକ୍ ଗିଲୁଥିସି ଘାଏକେ ଘାଏ
ଚରା ଦେଖ୍‌ଲେ ରପ୍‌ଟି ଯାଏସି
ରଂଗି ରଂଗି ସାଏଁ ସାଏଁ ।

ଯେନ ଜାଣା ଘଟିଥିଲେ
ଟେଂଗଟା ପରେ ଜାନିଥିସି
ଛୁଆମାନେ ସତ୍ କି ମିଛ୍
ପଚ୍ରେଇ ଗଲେ
ଟେଂଗ୍ଟା ପରେ ମୁଡ଼ ହଲାସି
ଆର ହଁ ନାଇଁ କରୁଥିସି ।

ଘଡି କେ ଘଡି ରଙ୍ଗ ବଦ୍ଲଉଥିସି
ବଲି ଟେଂଗ୍ଟା
ଛୁଟାକେ ସିନେ ବଦ୍ନାମ ହେସି
ହେଲେ ସେ ମୁନୁଷ୍‌କେ ବି ଲୋକ
ଟେଂଗ୍ଟା କହେସନ
ସମିୟା ଜାନି ଯେ ହର୍‌ମେସା
ରଙ୍ଗ ବଦ୍ଲଉଥିସି ।

◆

# ସବୁ ଫୁଲ୍ ତ ସୁନ୍ଦର୍

ସବୁଫୁଲ ତ ସୁନ୍ଦର
ଫେର ଗୁଟେ ଗୁଟେ ଫୁଲ
କାଏଁଯେ ଜହ ସୁନ୍ଦର ଦିଶ୍‌ସି
ସବୁ ଛୁଆ ତ ସୁତର ଫେର ଗୁଟେ
ଛୁଆ କାଏଁଯେ ଜହ ଅଏନ୍ ଲାଗସି ।

ସେ ଗୁଟେ ମାଟି ଏକା ସବକର ଜନମ୍
ସବ ଖାଇଛନ୍ ସେ ଗୁଟେ ପାଏନ୍ ପବନ୍
ଗୁଟେ ନ ମାଲି କରିଛେ ତାଁକୁ ଯତନ୍
ହେଲେ ଭିନ୍ ଭିନ୍ ରଙ୍ଗର୍ ଫୁଲ୍
ବାସ୍‌ନା ଅଲଗ
ଫଲ ବି ଭିନେ
ସମ୍‌କର୍ ଅଲଗ୍ ଅଲଗ୍ ମନ୍ ।

ଇଟା ତାର ସର୍‌ଜନା ଆଏ
ଯେ ଗଢ଼ିଛେ ସେ ଏକା ଜାନ୍‌ବା
ତାର ତ କିଛି ଗୁଟେଥିବା
ହିସାବ କିତାବ

ସେ କାଣା ତୁମର ଆମର ବାଗିର
ଶୋଚ୍ ଲୋକ୍‌ଟେ ଆଏ
ଏଡ଼କି ବଡ଼ ସଂସାର୍‌କେ ଯେ ରଚିଛେ
ସେ କାଣା ସାମେନ ଲୋକ୍‌ଟେ ଆଏ
ଯେ ଇ ସଂସାର୍‌କେ ଚଲଉଛେ ।

ଧଏନ୍ ସେ କାରିଗର ର ଆଏଁଖ
ଏକସ୍‌କଟି ଦେଖି ଦେଖି ଯେ ଚିତ୍‌ରେଇଛେ
କେନ ଖୁନି ହେବା ତାକେ
ସେ ତ ହର୍‌ମେସା ତୁଲିଟେ ଧରି
ଚିତ୍‌ରେଇ ଚାଲିଛେ
ଆଖି ହେଲେ କେନ ତାର ପଲକ ପଡିଛେ ।

ସମ୍‌କୁ ସେ ସମାନ ଗଢ଼ିଛେ
ହେଲେ ଯାହାକେ ଯେ ଯେନ୍ତା ଦିଶୁଛେ
ସମକର ସେ ସମାନ ଆଏଁଖ
ହେଲେବି କେନ୍ତା ଜନେ କେ ଜନେ
ଅଏତ୍‌କା ସୁନ୍ଦର ଦିଶୁଛେ ?

◆

# ଯାହାର୍ ଆଖି ସେ

କାହାକେ ଲାଗସି ଢେଙ୍ଗି
କାହାକେ ପୁଟ୍‌କି
କାହାକେ କାଲି
କାହାକେ ଗୁରି
କାହାକେ ବାଙ୍ଗରି
ଯାହାର ଆଖି ସେ
ତାହାକେ ହେତ୍‌କି ସୁଂଦରି ।

ଖାଲି ଦେଖି ଜାନଲେ ହେଲା
ଦେଖି ଜାନବାର ଟା ବି ତ ଗୁଟେ କଲା
ଦେଖି ନାଇଁ ଜାନଲେ ଅସ୍‌କଟିଆ ଦିଶ୍‌ବେ
ଚିକନ୍‌କଲା ନନ୍ଦର୍‌ବଲା ।

ସବୁ ରହେଲା ଭାବେ
ଭାବ୍ ନ ସବ୍ ରହେବେ ଥାବେ
ଭାବଥି ମିଲ୍‌ସନ୍ ପରେ ହରି
ସୁଦାମା ର ଚୁଡା ଚାଉଲ କେ ବି
କରସନ୍ ମନ୍
ନାଇଁ ମିଲନ ହରି ଗରବ କଲେ
ଆର ମିଲିଯାଏସନ ପରେ
ଅଁଟେ ନାଇଁ ଥିଲେ ବି ଧନ୍
ଆସ ହେମା ଫେର ହେ ଭାବର କଥା
ପେରେମ୍ ର କଥା
ଆର ନାଇଁ ପହଁରୁ ଉସେ
କି ନାଇଁ ଦେଖୁ ଛୁଛା ସପନ୍ ।

କିଏ ଝନେ ଲୁକିଥିସି
ହେଲେ ଗୋଡ଼ ଦୁଇଟା ବି ତାର୍ ଦିଶୁଥିସି
ତାକେ ଦେଖିବାର କେ ନାଇଁ ଲାଗେ ଆଏଁଖ୍
ମନ୍ ଉଡୁଥିସି ଉପର୍‌କେ ଉପର୍‌କେ
ଲଗେଇ କରି ଚରେର ପଏଁଖ୍ ।

◆

# ଲାଭ୍

ଯେ ମଲା
ସେ ଗଲା
ତାହାକେ ସୋର୍‌କରି
ଲୋକ ଇହାଦେ କହେବେ
ବନେ ଲୋକ୍‌ଟେ ଥିଲା
ହେଲେ ଜିଇଁଥିଲା ବେଲେ
କିଏ ତାହାକେ ଘାଏ ଅଧେ
ସୋର କରିଥିଲା ?

ଇହାଦେ ଗୁନ୍‌ସୁମ୍‌ରି କାଂଦ୍‌ଲେ
କାଏଁ ହେବା
ହେଁ ଗଲା ଲୋକ କାଣା ଆର ଫିରି ଆଏବା
ଯେ ତୁମର କଥା ଶୁନି ଉସତ୍ ହେବା ।

ଇ ଦୁନିଆ ଆଏ ଦୁଇ ଦିନିଆଁ
ଇନ କିହେ ନୁହେସେ କାହାର
ଦିନେ ସେ ମୁନୁଷ ଟା ବି ଧୋକା ଦେବା
ହେଇଥିଲ ତୁମେ ଏତେ ନିଜର ଯାହାର ।

ଯାହାର ସୁଆର୍‌ଥକେ ସେ ଇନ
ଭଲ କରି ଜୁଗ୍‌ସନ୍
ଆର ପର୍‌ହର୍ ନିନ୍ଦାଥି ଜହ
ସମିଆ ଗୁଆସନ୍
ଯାହାକେ ଭାବିଥିବ ଅରି ସରି
ସେ ହେବା ଦିନେ ତୁମର ବଏରୀ
ଆର ଦେବା ତୁମର ପଛ୍‌ଆଡୁ ଛୁରୀ ମାରି ।

ଇହାଦେ ଦେଖ ହେ ଜେନ୍ ଗଲା
ତାର ଦୁହି ହାତ ମେଲା
କେତେ କମେଇ ଥିଲା
ସଁଚିଥିଲା
ହେଲେ ଗଲାବେଲେ ଇନୁ ସେ
କାଣା ନେଇକରି ଗଲା ?

ହେତିର ଲାଗି କହେଲି
ଯେ ମଲା
ସେ ଗଲା
ତାହାକେ ସୋରକରି
ଇ ଲାଭ ନୁକ୍‌ସାନ୍‌ର ହିସାବ କିତାବର ଦୁନିୟା ନ
ଆର କାଏଁ ଲାଭ ଭଲା ?

◆

# ଡେନା

ମୋତେ ଲାଗ୍‌ସି
ମୁଇଁ ଖାଲି ତଲେ ଅଛେଁ
ଆର ସବ ମୋର ଉପ୍‌ରେ ଅଛନ୍
ମୁଇଁ ଖାଲି ଉପରକେ
ନିଘା କରୁଥିସିଁ
ଆର ଦୁଖ୍‌ମନା ହେଉଥିସିଁ
ଡେନା ଫଏଲେଇ କରି ମୁଇଁ
ଆର ଆର ଉପର୍‌କେ ଉଡ୍‌ବାର
ଚେଷ୍ଟା ନ ଅଠିପହର ଲାଗିଥିସିଁ ।

ହେଲେ ଦେଖ୍‌ଲା ବେଲେ
ମୁଇଁ ଯେନ କେ ସେନ ଥିସିଁ
ମତେ ଲାଗ୍‌ସି
ମୁଇଁ ଆର କେନ କାହାକେ କେଭେ

ପୁହୁଁଚେଇ ପାରମି
ମୋର ଇ କୁସିସ୍ ବେକାର ଆଏ
ବିଫଲ ଆଏ
ମୋର ଜନମ ହାର୍‌ବାର ଲାଗିଆଏ
ଏନ୍ତା ଭାବିକରି ମୁଇଁ ନିରାଶ
ହେଇ ଯାଏସିଁ
ଆର ମୋର ଡେନାକେ
ଆର ଟିକେ ବର୍‌କସ କର୍‌ବାର୍ କେ
ଠଁଟ୍ ନ ଘସୁଥିଁସି ମାଜୁଥିସିଁ ।

ଘାଏ ଘାଏ ମଝା ରାସ୍ତା ନ ଅଟ୍‌କି କରି ଭାବ୍‌ସିଁ
କେନ୍ତା କରି ହେମାନେ ହେତ୍‌କି ଉପରେ
ଉଡୁଛନ୍
ସମ୍‌କର ତ ଡେନା ହେ ଦୁଇଟା ନ
ମୋର ମେତାଲ୍‌ଟା
ମୁଇଁ ଅଟକି କରି ଘଡେ
ସେମାନକର ରାଏ ରକମ୍ ଦେଖ୍‌ସିଁ
ହେଲେ କିଛି ବି ସୋର ସୁତର
ନାଇଁ ପାଏଁ
ଖାଲି ମୋର ଦୁଖ୍‌ମନା
ହେବାରଟା ସାର
ମୋର ସବୁ କୁସିସ ବେକାର ।

ଦିନେ ମୁଇଁ ଜାନି ପାର୍‌ଲି
ବଫୁ ନ ଡେନା ନାଇଁଥାଏ

ନିଜର ମୁଡେ ଥିସି
ଇଚ୍ଛାଶକ୍ତିଥି ।

ସେ ଦିନୁ ମୁଇଁ ଉପର୍‌କେ ଉପର୍‌କେ
ଉଡୁଛେଁ
ଆର ଇହାଦେ ଆକାଶର୍ ଟିପିନ ଅଛେଁ
ସବ ଧରତି ପୁର୍‌ଥି
ଇହାଦେ ମୋର ତଲେ
ମୋତେ ଆର ଇହାଦେ
ପୁହୁଁଚାବାର୍‌କେ କିହେ ନାଇଁନ
ମୋର ଆର ସୋର ନାଇଁନ
ମୋର ଡେନା ଅଛେ କି ନାଇଁନ ।

◆

# ଫଗୁନ୍‌ର ଗୀତ୍

ଫଗୁନ୍ ଆସ୍‌ଲାନ
ରହ ମୁଇଁ ଆଗୋ ଗୀତ୍‌ଟେ ଗାଇ ଦେସିଁ
ଫଗୁନ୍ ଆସ୍‌ଲାନ
ପହପହ ଆଡ୍‌କେ ଟିକେ ଶୀତ ଶୀତ ଲାଗୁଛେ
ଆର ଅଚାନ୍‌କିଆ ନିଦ ଭାଙ୍ଗି ଯାଉଛେ
କେନ ଦୁରିଆର ଗଛ କରପନ ନୁ
କୁଇଲୀଟେ ରହି ରହି କାହାକେ ଗୁଟେ ଡାକୁଛେ
ଡାକୁଛେ କି ହେଟା ତାର ଗୀତ୍ ଆଏ
ଗୀତ ଗାଇକରି ତାର ସାଙ୍ଗର ଜୁଲିକେ ଡ଼ାକୁଛେ
ଆସ ଆସ ଗୀତ୍ ଗାଏମା ଫଗୁନ୍ ଆସିଛେ
ଆକାଶର୍ ରଙ୍ଗ ବି ଫଗୁ ଫଗୁ ଦିଶୁଛେ ।

ଫଗୁନ୍ ଆସ୍‌ଲେ ତୁମେ ସୋର ପଡ଼ସ
କେଯାନେ ବାକି ସମିଆଥି ତୁମେ କେନ ଥିସ ?
ଫଗୁନ୍ ମାସର ପଲ୍‌ସା ଫୁଲ ଲେଖେ
ଦେଖ ତ ତମେ ବି କେତେ ଅଏନ ଦିଶ୍‌ସ
ଆର ବନେ ଦିଶୁଛ ବଲି କହିଦେଲେ
ତୁମେ କାଏଁଜେ ଏନ୍‌ତା ବିର୍‌ଝି ଯାଏସ ।

ମୁଇଁ ଜାନିଥିଲି ଏନ୍‌ତା ହିଁ ହେବା
ଦିନେ ମୁଇଁ ଏକ୍‌ଲା ହେଇଯିମି
ଆର ତୁମକୁ ଏନ୍‌ତା ସୋର କରି

ଫଗୁନ୍  ର ଗୀତ ଗାଉଥିମି
ଝୁରି ଝୁରି ହେ ବିରହୀ
କୁଇଲୀର୍ ଲେଖେ ।

କେନ୍‌ଟା ସତ ଆଏ ଇନ
କେନ ଜିନିଷ୍ ରହେସି ସବୁଦିନର ଲାଗି
କାଣାକେ କରବ ବିଶଉଆସ୍
ଆଏଜ ପୁନି ହେଲେ କାଏଲ ଫେର ଉଆଁସ
ମୁନୁଷ ଆଏଜ ଅଛେ କାଏଲ୍‌କେ ନାଇଁ
କେତେଦିନ ଆଉ ଏନ୍‌ତା ଚାଲିଥିବାରେ ଭାଇ
ରୁଷାଫୁଲା ମାନ ଅଭିମାନ
ଆସ ଲେଖିମା ପେରେମ ର ଗୁଟେ ନୁଆଁ ଅଭିଧାନ ।

ଛାଡ଼ ହେ ସବୁ ଆଗର କଥାକେ ହେତୁ ନାଇଁ କର
ଆସ ଦୁହେ ମିଶିକରି ଗୁଟେ ଗୀତ ଗାଏମା ପେରେମର
ଯେନ୍ ଗୀତ ଭୁଲେଇ ଦେବା ସମକର ଦୁଃଖ ଦରଦ
ଯେନ୍ ଗୀତ ହେବା ଗୁଲୁଗୁଲା ମୁନୁଷର ଲାଗି
ଆହା ର ପଦେ ଶବଦ ।

ଫଗୁନ୍ ଆସ୍‌ଲାନ ଆସ
ଗୀତ୍‌ଟେ ଗାଇଦେମା
ଆସ ଇ ଫଗୁନର ରଙ୍ଗ
ନ ଘାଏ ଭିଜିଯିମା
ଆସ ଇ ଫଗୁନ୍ ନ ଆଏଜ
ଆମେ ଫେର ଘାଏ ହଜିଯିମା ।

◆

# ବସ୍ ଟେସନ୍

କେତେ ବସ୍ ଆସୁଛେ ଯାଉଛେ
କିଏ ନିଘା କରିଛେ
କେତେ ଲୋକ ଆସୁଛନ୍ ଯାଉଛନ୍
ତାର କାଏଁ ହିସାବ ଅଛେ ?
ସମିଆ ଜାନି ବସ ଆସୁଛେ
ଟେସନ୍ ନ ଘଡେ ଥାକୁଛେ
ଇଂଜିନ୍ ଘର୍ ଘର୍ କରୁଛେ
ନୀଲିଆ ଆକାଶ୍‌କେ କଲିଆ କରି
ବସ୍‌ନୁ ଭକ୍‌ଭକାନୁ କୁହୁଁଲା ବାହାରୁଛେ
ଆକାଶ ବିଟ୍ ବିଟ୍ କଲା ଦିଶୁଛେ ।

କେତେ ଲୋକ ଆସୁଛନ୍
ଯେ ଯାର କାମ୍‌ବୁତା ସାରି
ନିଜର ନିଜର ବୁଚ୍‌କାପେଣ୍ଡା ଧରି
ଫେର ଲେହେଁଟି ଯାଉଛନ୍

ହେଲେ କାଣା ଅଛେ ହେ ବେଗ୍ ମୁନା ନ ଯେ
କିଏ ହେଲେ ଘାଏ ତାମଡି କରି କେଭେ ଦେଖିଛନ୍ ।

ଇନୁ ସତେ କାଣା କିଏ କିଛି କେଭେ
ନେଇକରି ଯାଇ ପାରସି
ମୁନୁଷ ତ ନଂଗଲା ହେଇ ଆସିଥିସି
ନଂଗଲା ହେଇକରି ଯାଏସି
ପଲେଇଗଲା ଲୋକ୍ ତ
ହାତ ମେଲାକରି ଯାଉଥିସି
ଯେ ତାକେ ହାତ ହଲେଇ ବିଦାଦେସି
ଦୁଃଖଥି ତାର ଛାତି ସିନେ
ଖାଲି ହଁଦଲେଇ ହେଉଥିସି
ଗୁଲେଇ ଘାଁଟି ହେଉଥିସି
ଯିବାର ଲୋକ ତ ଏକ୍‌ସୁରିଆ
ନର୍‌ଦି ନର୍‌ଦି ଯାଉଥିସି
ସେ ହେଲେ କେଭେ କାଣା
ପଛ୍‌କେ ଉଲ୍‌ଟି କରି ଦେଖିସି ?

ଇ ଦୁନିଆଁ  ବି ତ ହେନ୍‌ତା ଗୁଟେ
ବସ ଟେସନ୍ ଆଏ
ଇନ କିହେ କାହାର ନୁହେସେ
ହେ ଟେସନ୍ ନ ଟାକିଥିବାର ତକ୍ କି
ହେ ବସ ନ ବସିଥିଲା ବେଲତକ୍
ଯେନ୍ ଘଡେ ଭାବ ପେରେମ୍

ଦୁଃଖ ସୁଖ କଥାବାର୍ତା
ବସନୁ ଉତ୍‌ରି ଗଲେ ଆର କିଏ କାହାର
କିଏ କାହାକେ ସୋର ରଖିଛେ ।

ଏତ୍‌କର୍ ଯ ଯେ ଯେନ୍‌ଆଡେ ଯିବ ଯ
ଆର କାଏଁ ଟେନ୍‌ସନ୍
ଭିନ୍ ଭିନ୍ ଜାଗାନ ବସଲେ ଭିଲ ତ
ସବ ଯିବ ସେ ଗୁଟେ ଟେସନ୍ ।

ସେ ଉପ୍‌ରେ ଥାଇ ସବ୍ ଦେଖୁଛେ
କେନ୍‌ଦିନୁ ହେ ଗୁସିଆଁ କେ ଦେଖ
ତୁମର ଲାଗି ଠାନ୍‌ଟେ ରଖି
ତୁମର ବାଟ୍‌କେ ଟାକି ବସିଛେ ।

◆

# ମୁଇଁ କେନ କବିତା ଲେଖ୍ସିଁ

ମୁଇଁ କେନ କବିତା ଲେଖ୍ସିଁ
ଖାଲି ଭାବର୍ ଦୁନିଆଁ ନ
ହର୍ମେସା କିନ୍ଦୁରୁଥିସିଁ ।
ସଂସାର୍ ଜଁଜାଲ୍ ନ
ମାୟା ମୋହ ନ
ଗୁଁଦ୍ଲେଇ ଘାଁଟି ହେଉଥିସିଁ
ମୁଇଁ କେନ କେଭେ କବିତା ଲେଖ୍ସିଁ ।

ଭାବ୍ ଛନ୍କେ ଆସି
ଛନ୍କେ ପଲେଇ ଯାଏସି
ଭାବ୍କେ କେନ ବନେ ଘାଏ
ଧରି ରଖିହେସି
ଫିରି ଆଏଲେ ଭାବ୍ର ଦୁନିଆଁନୁ
ଭାବ୍ ତାର୍ ବାଟେ

ମୁଇଁ ମୋର୍ ବାଟେ
କବିତା ଆସ୍‌ବାର୍‌କେ
ବାଟ୍ ନୁରୁଥିସି
ହେଲେ ମାୟା ବଂଧନ୍ ନୁ
କେତ୍‌କେ କବିତା ମୁକୁଲି ପାର୍‌ସି
ମୁଁଇଁ କେନ କେଭେ କବିତା ଲେଖ୍‌ସିଁ ।

ନାଇଁ ସିନେ ଲେଖିପାରେ
ହେଲେ ଛାତି ଭିତର୍‌ଟା ହଦ୍‌ମଦଉଥିସି
ଦିହେ ବୁହିଥିବା
ପିଲାତି ମାଏଝିଟେ ଲେଖେ କୁହୁଁରୁଥିସିଁ
ଦୁଖ୍ ପାଉଥିସିଁ
କେ ଜାନେ କେତେବେଲେ
ଇ ଦୁଖ୍ କଷ୍ଟନୁ ମୁକୁଲି ହେବା
ହେନ୍‌ତା ବେଲା ଘଡ଼ିକେ
ଟାକିଥିସିଁ
ମୁଇଁ କେନ କେଭେ
କବିତା ଲେଖ୍‌ସିଁ ।

ମାଏଟ୍ ଫଟେଇ କରି ଯେନ୍‌ତା
ମଁଜିଟେ ଗଜା ମେଲ୍‌ସି
ଗଛର୍ ଟିପିନୁ ଯେନ୍‌ତା
ଡାଲ୍‌ଟେ ପିକ୍ ମେଲ୍‌ସି
ଯେନ୍‌ତା ତାର୍ ତାର୍ ଫୁଲ୍‌ଟେ

ଡାଲ ର୍ ମଝିନୁ ପାଖ୍ରା ମେଲ୍ସି
ବାଦ୍ଲିଆ ଆକାଶ୍ନୁ ଯେନ୍ତା
ଜନ୍ଟେ ଡୁଂଗି ଦେଖ୍ସି
ହେନ୍ତା କଅଁଲିଆ ଛୁଆଟେ ଲେଖେ
ସମିଆ ଜାନି ଜନମ୍ ହେସି
କେଁ କେଁ କାଁଦ୍ସି
ତାକେ ଗେଲେ ଲାଡେ ସଁଖ୍ଲି ବୁଟ୍ଲି
ଜାନ୍ଲେ ହେଲା
କେ ଜାନେ କବିତା କେନଥିସି
କବିତା ନାଇଁହୁଏ ବର୍କସି
ମୁଇଁ କାଣା କେଭେ କବିତା ଲେଖ୍ସିଁ ।

◆

# ଲେଖକଙ୍କର ଛପାଲା ଦୁସ୍ରା ବହି

## କବିତା ଗ୍ରନ୍ଥ (ଓଡିଆ)

| ପୁସ୍ତକର ନାମ | ପ୍ରକାଶନ କାଳ | ପ୍ରକାଶକଙ୍କ ନାମ |
|---|---|---|
| ୧. କବିତା ବୋଲି ଥାଏ କି କିଛି | ୨୦୧୪ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୨. ସରାଗ ରାଗ | ୨୦୨୦ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୩. ସାରା ଆକାଶ ଖାଲି ଖାଲି | ୨୦୨୦ | ଆଦିତ୍ୟ ଭାରତ ,କଟକ |
| ୪. ଓଲଟ ବୃକ୍ଷ | ୨୦୨୧ | ଇଙ୍କ୍ ଓ୍ୱାଲ୍ସ ଓଡିଆ, ବ୍ରହ୍ମପୁର |
| ୫. କବିତାଟିଏ ଲେଖିବି ବୋଲି | ୨୦୨୧ | ପଶ୍ଚିମା ପ୍ରକାଶନି,ଭୁବନେଶ୍ୱର |
| ୬. ଆଦ୍ୟ ଅକ୍ଷର | ୨୦୨୨ | ସୁଭାରମ୍ଭ ପ୍ରକାଶନୀ,କଟକ |
| ୭. ଭାବାଂଶ | ୨୦୨୨ | ସୁଭାରମ୍ଭ ପ୍ରକାଶନୀ,କଟକ |
| ୮. ସତ କହିବା ମନା | ୨୦୨୨ | ସୁଭାରମ୍ଭ ପ୍ରକାଶନୀ,କଟକ |
| ୯. ଭିଜା ଭିଜା ବର୍ଷାର କବିତା | ୨୦୨୩ | ବନଫୁଲ,ଭୁବନେଶ୍ୱର |
| ୧୦. କବିତା ବୋଲି ଥାଏ କି କିଛି | ୨୦୨୩ | ସୁଭାରମ୍ଭ ପ୍ରକାଶନୀ,କଟକ |
| ୨ୟ ସଂସ୍କରଣ | | ସୁଭାରମ୍ଭ ପ୍ରକାଶନୀ,କଟକ |
| ୧୧. ଶବ୍ଦର ଖେଳ | ୨୦୨୪ | ଏଥେନା ବୁକ୍ସ,ଭୁବନେଶ୍ୱର |
| ୧୨. ଚୟନିକା | ୨୦୨୪ | ବନଫୁଲ ,ଭୁବନେଶ୍ୱର |

## *କବିତା ଗ୍ରନ୍ଥ(ଇଂରାଜୀ)*

| | | |
|---|---|---|
| 1. Ist Stanza | 2021 | Book Clinic,Bilaspur |
| 2. The Poesy Wings | 2021 | Notion Press,New Delhi |

| | | |
|---|---|---|
| 3. How You Sing a Song | 2022 | Notion Press,New Delhi |
| 4. The Mystery of Missing | 2022 | Notion Press,New Delhi |
| 5.The Sound of Silence | 2023 | Notion Press,New Delhi |

## ଗଳ୍ପ ପୁସ୍ତକ

| | | |
|---|---|---|
| ୧. ଅଲୌକିକ ସହର | ୨୦୧୮ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୨. ସ୍ୱପ୍ନର ସହର | ୨୦୧୯ | ପଶ୍ଚିମା ପ୍ରକାଶନି,ଭୁବନେଶ୍ୱର |
| ୩. ରୁପାନ୍ତର | ୨୦୨୦ | ପଶ୍ଚିମା ପ୍ରକାଶନି,ଭୁବନେଶ୍ୱର |
| ୪. ଏକଦା ଏକ ସହର | ୨୦୨୦ | ବ୍ଲାକ ଇଗଲ ବୁକ୍ସ,ଆମେରିକା |
| ୫. କବି ଓ ସମ୍ରାଟ | ୨୦୨୩ | ନବଲିପି ପ୍ରକାଶନୀ, ଭୁବନେଶ୍ୱର |

## ଉପନ୍ୟାସ

| | | |
|---|---|---|
| ୧. କବିତା ପାଇଁ ଗଳ୍ପଟିଏ | ୨୦୨୨ | ପଶ୍ଚିମା ପ୍ରକାଶନି,ଭୁବନେଶ୍ୱର |
| ୨. ଯୋଗୀ ଯୋଗେଶ୍ୱର | ୨୦୨୨ | ବ୍ଲାକ ଇଗଲ ବୁକ୍ସ,ଆମେରିକା |

## ସମ୍ବଲପୁରୀ ପୁସ୍ତକ

| | | |
|---|---|---|
| ୧. ବହନି (କଥାନୀ ଗୁଛା) | ୨୦୨୪ | ନୁଆଁ ସକାଲ,ଡୁଙ୍ଗରୀପାଲି |
| ୨. ଅଲ୍‌ଝଟ୍ (କବିତା) | ୨୦୨୫ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୩. ମା ର ସୁରତା | ୨୦୨୫ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୪. ଅଛିଆଁ | ୨୦୨୬ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୫. ଉଡ଼ାନ୍ | ୨୦୨୬ | ସୃଷ୍ଟି ପ୍ରକାଶନୀ,ବରଗଡ |

## **ଅନୁବାଦ(ଲେଖକଙ୍କ ପୁସ୍ତକର)** (ହିନ୍ଦୀ ଓ ଇଂରାଜୀରେ)

| | | |
|---|---|---|
| ୧. କବିତା ଏକ କରନେ କେ ଖାତିର | ୨୦୨୨ | ପ୍ରଖର ଗୁଞ୍ଜ ପ୍ରକାଶନୀ,ଦିଲ୍ଲୀ |
| ୨. ଅଲୌକିକ ଫୁଲ ଔର ଅନ୍ୟାନ୍ୟ ଚୁନି ହୁଇ କାହାନିୟାଁ | ୨୦୨୨ | ପ୍ରଖର ଗୁଞ୍ଜ ପ୍ରକାଶନୀ,ଦିଲ୍ଲୀ |
| ୩. ସଚ କହନା ମନା ହେ | ୨୦୨୩ | ସୃଷ୍ଟି ପ୍ରକାଶନୀ,ବରଗଡ |
| ୪. ବୋହନୀ | ୨୦୨୪ | ସୃଷ୍ଟି ପ୍ରକାଶନୀ,ବରଗଡ |
| 5. The Poet And the Emperor | 2024 | Authors Press,NewDelhi |
| 6. Handsel | 2024 | Notion Press,New Delhi |
| 7. Four years in jail | 2025 | Notion Press,New Delhi |

(ସମସ୍ତ ହିନ୍ଦୀ ପୁସ୍ତକ ପଦ୍ମଶ୍ରୀ ଡଃ ଶ୍ରୀନିବାସ ଉଦ୍‌ଗାତାଙ୍କ ଦ୍ୱାରା ଅନୁବାଦିତ, ଇଂରାଜୀ ପୁସ୍ତକ ଗୁଡିକର ଅନୁବାଦ ଶ୍ରୀ ସୁକୋମଳ ଦାଶ)

## **ସଂପାଦନା**

| | | |
|---|---|---|
| ୧. ସ୍ମୃତିରେ ଟୁକୁ ମିଶ୍ର | ୨୦୨୨ | କୋଶଲ ଫାଉଣ୍ଡେସନ, ବରଗଡ଼ |
| ୨. ଗାଥା ଗାୟତ୍ରୀ- ୨ | ୨୦୨୪ | ପଶ୍ଚିମା ପ୍ରକାଶନୀ, ଭୁବନେଶ୍ୱର |

(ଲେଖକଙ୍କ ଲେଖା ଅନ୍ୟ ଅନେକ ଭାଷାରେ ଅନୁଦିତ ଏବଂ ଜାତୀୟ ଓ ଅନ୍ତର୍ଯାତୀୟସ୍ତରରେ ବିଭିନ୍ନ ପତ୍ରପତ୍ରିକା ତଥା ସଂକଳନ ସବୁରେ ଅନେକ ଇଂରାଜୀ କବିତା ପ୍ରକାଶିତ । ଆକାଶବାଣୀ ଓ ଦୁରଦର୍ଶନର କାର୍ଯ୍ୟକ୍ରମରେ ଅନେକ ଗପ ଓ କବିତା ପ୍ରସାରିତ । ଓଡିଶାର ଅଧିକାଂଶ ପତ୍ରପତ୍ରିକାରେ ସହସ୍ରାଧିକ ଲେଖା ପ୍ରକାଶିତ ।)

# ସାହିତ୍ୟର ଲାଗି ମିଳିଥିବାର ପୁରସ୍କାର

୧. ସମ୍ବଲପୁରୀ କବିତା ପାଇଁ ଓଡିଶା ସାଂସ୍କୃତିକ ସମାଜ,
ସମ୍ବଲପୁର ଦ୍ଵାରା ପୁରସ୍କୃତ - ୧୯୮୪

୨. ବଉଲ ସମ୍ମାନ, ଅଭିମନ୍ୟୁ ସାହିତ୍ୟ ସଂସଦ ,ଘେଁସ-୨୦୨୨

୩. ଗଙ୍ଗାଧର ସାହିତ୍ୟ ସମ୍ମାନ,ଗାନ୍ଧୀ ସ୍ମୃତି ପାଠାଗାର ,ବରଗଡ-୨୦୨୪

୪. ନାରାୟଣ ପୃଷେଠ୍,ସ୍ମୃତି ସମ୍ମାନ,ଡିହାର ଲୋକ ମହୋତ୍ସବ,ଅତାବିରା -୨୦୨୪

୫. ଗୌରହରି ପରିଚ୍ଛା ସ୍ମୃତି ସମ୍ମାନ,ଭୁବନେଶ୍ଵର-୨୦୨୪

୬. ଡ.ନୀଳ ମାଧବ ପାଣିଗ୍ରାହୀ ବାର୍ଷିକ ସମ୍ମାନ-୨୦୨୪

ସମ୍ବଲପୁର ବିଶ୍ଵ ବିଦ୍ୟାଳୟ,ଜ୍ୟୋତି ବିହାର,ବୁର୍ଲା ଏବଂ ଅନ୍ୟାନ୍ୟ ଅନେକ ସାହିତ୍ୟ ସମ୍ମାନ ଓ ସମ୍ବର୍ଦ୍ଧନା ।



# ଉଡ଼ାନ୍

## ରୋହିତ କୁମାର ଦାଶ

ରୋହିତ ଦାଶ ଓଡିଶାର ଜନେ ନାଁ କରା କବି, ଲେଖକ, ପ୍ରକାଶକ ଆର ସାହିତ୍ୟ ସଂଗଠକ ଆନ୍ । କବିତା, ଗପ ଆର ଉପନ୍ୟାସ ମିଶି ତାଁକର ଏବ୍‌ତକ୍ ଅଡତିରିଶ୍ ଖଁଡ଼ ବହି ଛପା ହେଇ ସାଏଲାନ । ତାଁକର୍ ଲେଖାର୍ ଲାଗି ସେ ଗୁର୍‌ଦୁଟେ ଅନୁଷ୍ଠାନ୍‌ନୁ ପୁରସ୍କାର୍ ପାଇଛନ୍ । ବହନି କଥାନୀ ବହିର୍ ଲାଗି ସେ ୨୦୨୪ ସାଲେ ସମ୍ବଲପୁର୍ ବିଶ୍ୱବିଦ୍ୟାଳୟ ଠାନୁ ଡ଼. ନୀଳମାଧବ ପାଣିଗ୍ରାହୀ ସ୍ମୃତି ସମ୍ମାନ୍ ପାଇଛନ୍ । ତାଁକର୍ ବହିମାନେ ହିନ୍ଦୀ ଆର ଇଂରାଜୀ ଭାଷା ନ ବି ଅନୁବାଦ୍ ହେଇସାରିଛେ । ଇଂରାଜୀ ଭାଷା ନ ବି ତାଁକର୍ ପାଁଚ୍ ଖଁଡ଼୍ କବିତା ବହି ଛପା ହେଇସାରିଛେ । ଦେଶ୍ ବିଦେଶ୍‌ର ଗୁର୍‌ଦୁଟେ ସଂକଳନ୍ ଆର୍ ପତ୍ରପତ୍ରିକା ନ ତାଁକର୍ ଲେଖାମାନେ ଠାନ୍ ପାଇଛେ । ଓଡ଼ିଶାର ପତ୍ରିକା ମାନ୍‌କେ ହଜାର୍ ବାଟେ କବିତା ଆର୍ ଗପ ପ୍ରକାଶ୍ ପାଇଛେ ଆର୍ ପାଇ ଆସୁଛେ । ସେ ଇଂରାଜୀ ସାହିତ୍ୟର୍ ଛାତ୍ର ଥିଲେ ଆର୍ ଭାରତୀୟ ଷ୍ଟେଟ୍ ବେଙ୍କ୍‌ର ଅଧିକାରୀ ହିସାବେ ଅବସର୍ ନେଇକରି ଇହାଦେ ବରଗଡ଼ ଠାନେ ରହି ଭାଷା ସାହିତ୍ୟର୍ ବଢ଼୍‌ତି ଦିଗେ କାମ୍ କରୁଛନ୍ ।

ଉଡ଼ାନ୍ ବହି ନ ତିରିଶ୍‌ଟା ଦମ୍‌ଦାର୍ କବିତା ଅଛେ । ତାଁକର୍ କବିତା ମାନ୍‌କର୍ ଭାଷା ସରଲ୍ ଆର୍ ମଧୁରଲ । ତାଁକର୍ କବିତା ମାନ୍‌କେ ଜୀବନ୍ ଦର୍ଶନ୍ ରହେବାର୍ ସାଙ୍ଗେ ସାଙ୍ଗେ ଇହାଦେର୍ ପୃଥିବୀର ଦୁଃଖ୍, ଦରଦ୍, ପେରେମ୍ ବିରହ, ନିଏ, ଅନିଏ ,ବିଚାର୍ ଅବିଚାର୍ ଆର୍ ସର୍ଜନା ର କଥା ବି ରହିଛେ । ରୋହିତ ଦାଶଙ୍କର୍ କବିତା ନ ସବୁବେଲେ ସମାଜର୍ ଲାଗି ବାର୍‌ତା ଥିସି । ତାଁକର କବିତା ମାନ୍‌କେ ମୁନୁଷ୍ ଲାଗି ଥିବା ଦରଦ୍ ବାଆରି ହେଇ ଯାଏସି । ସେ ଅନିଏ ଅତ୍ୟାଚାର୍ ଉପ୍‌ରେ ବି ନିର୍ଭିକ୍ ଭାବେ ଆବାଜ୍ ଉଠାସନ୍ । ସେ ଗୁଟେ ପ୍ରତିବଦ୍ଧ କବି ଆର୍ ଲେଖକ୍ ଆନ୍ । ଆମେ ତାଁକର୍ ସାହିତ୍ୟ ଜଗତ୍ ନ ସଫଳତାର୍ ଲାଗି ଗୁହାରୀ କରୁଛୁ ।

ପ୍ରକାଶକ

ISBN : 978-93-5779-115-1

9 789357 791151

**UDAAN**

Written by

**Rohit Kumar Dash**

Printed at : Guru Publication, Bargarh

Price : 150.00